ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक
Vol.26 . No.60 Bhubaneswar Saturday April 08 2023 ୨୬ତମ ବର୍ଷ ସଂଖ୍ୟା–୬୦ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଝାରସୁଗୁଡା ଉପନିର୍ବାଚନ: ସୁଶାନ୍ତ ସିଂ ବାଦ୍, ଅନୁଗତଙ୍କୁ ଥଇଥାନ

ଭୁବନେଶ୍ୱର,୭।୪(ପି.ଏନ): ଝାରସୁଗୁଡା ଉପନିର୍ବାଚନ ପ୍ରକ୍ରିୟାରୁ ପଶ୍ଚିମଓଡିଶାର ପ୍ରଭାବଶାଳୀ ନେତା ସୁଶାନ୍ତ ସିଂଙ୍କୁ ବିଜେଡି ଦୂରେଇ ରଖିଛି । ବରଗଡ ଲୋକସଭା ନିର୍ବାଚନମଣ୍ଡଳୀର ୭ଟି ବିଧାନସଭା ଆସନ ମଧ୍ୟରେ ଉଭୟ ଝାରସୁଗୁଡା ଓ ଭଟଲୀ ରହିଥିଲେ ବି ଭଟଲୀ ବିଧାୟକ ସୁଶାନ୍ତ ସିଂଙ୍କୁ ଉପନିର୍ବାଚନ ପ୍ରକ୍ରିୟାରୁ ବିଜେଡି ଦୂରେଇ ରଖିବାକୁ ନେଇ ପଶ୍ଚିମଓଡିଶା ରାଜନୀତି ସରଗରମ ହୋଇଛି । ଝାରସୁଗୁଡା ଉପନିର୍ବାଚନ ପାଇଁ ବିଜେଡି ଦୁଇଦିନ ତଳେ ଦଳର ୩ଜଣ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର ଓ ଶାରଦା ନାୟକଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନ୍ୟସ୍ତ କରିବା ପରେ ଆଜି ଆଉ ୫ମନ୍ତ୍ରୀଙ୍କ ସମେତ ମୋଟ ୧୨ଜଣଙ୍କୁ ବ୍ଲକ ଓ ମ୍ୟୁନିସପାଲଟି ଦାୟିତ୍ୱ ଦେଇଛି । କିନ୍ତୁ ଏହି ତାଲିକାରୁ ସୁଶାନ୍ତ ସିଂଙ୍କୁ ଦଳ ଦୂରେଇ ରଖିଥିଲେ ମଧ୍ୟ ତାଙ୍କର ଘନିଷ୍ଠ ସହଯୋଗୀ ମନ୍ତ୍ରୀ ଟୁକୁନି ସାହୁ ଓ ସରୋଜ ମେହେରଙ୍କୁ ଯଥାକ୍ରମେ କିରମିରା ଓ କୋଲାବିରା ବ୍ଲକର ଦଳୀୟ ନିର୍ବାଚନ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ସୁଶାନ୍ତ ସିଂଙ୍କ ଭୂମିକା ସନ୍ଦେହଘେରରେ ରହିଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ, ଏପରିକି ଝାରସୁଗୁଡାରେ ଆକ୍ରୋଶ ରହିଥିବାରୁ ବିଜେଡି କୌଣସି ରିସ୍କ ନେଇନଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଝାରସୁଗୁଡା ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଆଜି ଜାରି ସୂଚନା ଅନୁସାରେ କିରମିରା ବ୍ଲକ ଦାୟିତ୍ୱରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଟୁକୁନି ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ କୋଲାବିରା ବ୍ଲକ ଦାୟିତ୍ୱରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ସରୋଜ ମେହେର, ଝାରସୁଗୁଡା ବ୍ଲକ ପାଇଁ ପଦ୍ମନାଭ ବେହେରା ଓ ଅରୁଣ ସାହୁ,ଲଇକେରା ବ୍ଲକରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଦିବ୍ୟଶଙ୍କର ମିଶ୍ର ଏବଂ ଝାରସୁଗୁଡା ମ୍ୟୁନିସପାଲଟି ପାଇଁ ମନ୍ତ୍ରୀ ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପ୍ରତାପ ଜେନା ଓ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ଦାୟିତ୍ୱ ମିଳିଛି । ଏହି ନେତାମାନେ ଏବେ ନିଜ ନିଜର ଟିମ୍ ଗଢ଼ିବେ ଓ ସେମାନଙ୍କୁ ପଂଚାୟତ ଦାୟିତ୍ୱରେ ରଖିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି ।ଅନ୍ୟପକ୍ଷରେ ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ମୋଟ ୨.୨୧ଲକ୍ଷ ଭୋଟର ଥିବାବେଳେ ସର୍ବାଧିକ ୭୧୧୧୩ଜଣ ଭୋଟର ଝାରସୁଗୁଡା ମ୍ୟୁନିସପାଲଟିରେ ରହିଛନ୍ତି । ସେହିପରି ଲଇକେରା ବ୍ଲକରେ ୩୯୭୦୩ଜଣ ଭୋଟର, ଝାରସୁଗୁଡା ବ୍ଲକରେ ୩୮୫୪୬ ଭୋଟ, କୋଲାବିରା ବ୍ଲକରେ ୩୭୮୧୦ଜଣ ଭୋଟର ଓ କିରମିରା ବ୍ଲକରେ ୩୩୯୦୧ଜଣ ଭୋଟର ଅଛନ୍ତି ।

ଶରଦ ପାୱାରଙ୍କ ଆକଳନ; କର୍ଣ୍ଣାଟକାରେ ବାଜି ମାରିବ କଂଗ୍ରେସ

ଭୁବନେଶ୍ୱର,୭।୪(ପି.ଏନ): ଆସନ୍ତା ମାସରେ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏଥିରେ କଂଗ୍ରେସ ବିଜୟୀ ହେବ ବୋଲି ଆକଳନ କରିଛନ୍ତି ଏନ୍?ସିପି ମୁଖ୍ୟ ଶରଦ ପାୱାର। ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ସେ ଏହି କଥା କହିଛନ୍ତି। ପାୱାର କହିଛନ୍ତି, କର୍ଣ୍ଣାଟକାରେ ଏବେ ବିଜେପି କ୍ଷମତାରେ ଅଛି। ଦଳ ପୁଣି ଥରେ ଜିତିବା ପାଇଁ ପ୍ରୟାସ ଚଳାଇଛି। କିନ୍ତୁ ମୋ ଆକଳନ କହୁଛି ସେଠାରେ କଂଗ୍ରେସ ଜିତିବ। ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ବିଜେପି ତାକୁ ଚଳିତ ବିଧାନସଭା ନିର୍ବାଚନ ସହିତ ଯୋଡୁଛି। ଜାତୀୟ ପ୍ରସଙ୍ଗ ଗୁଡିକୁ କର୍ଣ୍ଣାଟକାର ପ୍ରସଙ୍ଗଗୁଡିକ ସହିତ ଯୋଡୁଛି। ରାଜ୍ୟ ନିର୍ବାଚନ ଏକ ଭିନ୍ନ ପ୍ରକାର ଖେଳ।ସେ କହିଛନ୍ତି, କେନ୍ଦ୍ରରେ ବିଜେପି ଶାସନରେ ଥିଲେ ମଧ୍ୟ ବିଧାନସଭା ନିର୍ବାଚନ ଗୁଡିକରେ ଅଣବିଜେପି ଦଳଗୁଡିକ ବାଜିମାତ କରିଛନ୍ତି। କେରଳ, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ଅଣବିଜେପି ଦଳଗୁଡିକର ସରକାର ଚାଲିଛି। ମଧ୍ୟପ୍ରଦେଶରେ କଂଗ୍ରେସ ଜିତିଥିଲା। ପରେ ଯଦିଓ ଦଳରେ ଫାଟ ସୃଷ୍ଟି ହେଲା ଓ ବିଜେପି ସେଠାରେ ସରକାର କଲା। ସେହିପରି ପଞ୍ଜାବ, ରାଜସ୍ଥାନ, ଦିଲ୍ଲୀ ଓ ପଶ୍ଚିମବଙ୍ଗରେ ବି ଅଣବିଜେପି ଦଳଗୁଡିକର ସରକାର ରହିଛି। ସେହିପରି ଆଉ କିଛି ରାଜ୍ୟରେ ଅଣବିଜେପି ଦଳ ସରକାର ଗଠନ କରିଛନ୍ତି।

ପୁଣି ବିବାଦ ଘେରରେ ଡିମିରିଆ ପ୍ରାଥମିକ ସ୍କୁଲ:ଭଗବାନଙ୍କ ଭରସାରେ କୁନିକୁନି ପିଲା

କେନ୍ଦୁଝର ,୭।୪(ପି.ଏନ): ପୁଣି ବିବାଦ ଘେରକୁ ଆସିଯାଇଛି ଡିମିରିଆ ପ୍ରାଥମିକ ସ୍କୁଲ । କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବ୍ଲକ ର ସିଲେଇକନା ପଂଚାୟତ ଅନ୍ତର୍ଗତ ଡିମିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଜନୈକ ଛାତ୍ରୀକୁ ଅସଦାଚରଣ କରି ପ୍ରଧାନ ଶିକ୍ଷକ ଜେଲ ଯିବାର ୧୦ ଦିନ ନ ପୁରୁଣୁ , ପୁଣି ଦେଖିବାକୁ ମିଳିଛି ଆଉ ଏକ ଅଭାବନୀୟ ଘଟଣା । ମଦ୍ୟପାନ କରି ରୋଷେୟା ସହ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଆରାମରେ ଶୋଇଥିବା ବେଳେ ଛାତ୍ର ଛାତ୍ରୀମାନଙ୍କୁ ବାଧ୍ୟ ହୋଇ ରୋଷେଇ କରିବାକୁ ପଡୁଛି । ଏଭଳି ଅଭାବନୀୟ ଘଟମା ଦେକିବାକୁ ମିଳିଛି ଡିମିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । କିନ୍ତୁ ପ୍ରଶାସନ ଏଠାରେ ସଂପୂର୍ଣ୍ଣ ନିଦାବିଷ୍ଟ । ଡିମିରିଆ ଗାଁ ଉଚ୍ଚ ପ୍ରାଥମିକ ଆବାସିକ ବିଦ୍ୟାଳୟରେ ଛାତ୍ରାବାସ ରହିଛି । ଏହି ଆବାସ୍ତିକ ସ୍କୁଲର ଛାତ୍ରାବାସରେ ୪୦ ଜଣ ଆଦିବାସୀ ଛାତ୍ର ଛାତ୍ରୀ ରହୁଛନ୍ତି । ଏହି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ମାଗଣା ରହିବା ସଙ୍ଗକୁ ଖାଇବା ଆଦିର ବ୍ୟବସ୍ଥା ରହିଛି। ତେବେ ଏଠାରେ ମଦୁଆ ଶିକ୍ଷକ ସଙ୍ଗକୁ ମଦୁଆ ରୋଷେୟା ଙ୍କ ପାଇଁ ଛାତ୍ର ଛାତ୍ରୀ ମାନଙ୍କର ଜୀବନ ବିପଦାପନ୍ନ ହୋଇ ପଡିଛି । ଅଧିକାଂଶ ସମୟରେ ମଦୁଆ ରୋଷେୟା ଓ ମଦୁଆ ଶିକ୍ଷକ ମଦ୍ୟପାନ କରି ଅଚେତନ ଭାବେ ଶୋଇ ରହୁଥିବା ବେଳେ ରୋଷେୟାର କାମ ଛାତ୍ର ମାନଙ୍କୁ ବାଧ୍ୟ ହୋଇ ତୁଲାଇବାକୁ ପଡୁଛି । ଏଭଳି ଏକ ଦୃଶ୍ୟ ବେଶ ଭାଇରାଲ ହୋଇଛି । ଯେଉଁଥିରେ ସକାଳ ବେଳା ପିଲାମାନେ ନିଜେ ରୋଷାଇ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଦୃଶ୍ୟରେ ବିଜେନ ମୁଣ୍ଡା ନାମକ ଛାତ୍ର ରୋଷାଇ କରୁଥିବା ଦେଖିବାକୁ ମିଳିଥିବା ବେଳେ ଶ୍ରୀଧର ଶୁଣି ପରିବା କାଟୁଥିବା ଦେଖାଯାଇଥିଲା । ସୂଚନାନୁଯାୟୀ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ମାନସିଂହ ମୁଣ୍ଡା ଓ ରୋଷେୟା ଦେବେନ୍ଦ୍ର ପ୍ରଧାନ ସକାଳୁ ମଦ ନିଶାରେ ଚୁର ହୋଇ କୁନି କୁନି ପିଲାଙ୍କୁ ରୋଷାଇ ପାଇଁ ନର୍ଦ୍ଦେଶ ଦେଇ ଦୁଇଟି ଚେୟାରରେ ଶୋଇ ଯାଇଥିଲେ । ଫଳରେ ପିଲାମାନଙ୍କୁ ପରିବା କାଟିବା ସହ ରୋଷାଇ କରିବାକୁ ପଡୁଥିଲା । ସେହି ସମୟରେ ସ୍କୁଲର ନଳକୂପ ମରାମତି ଆସିଥିବା ପଂଚାୟତର ସରପଂଚ ପାଙ୍ଗୋଲା ମୁଣ୍ଡାଙ୍କ ଦୃଷ୍ଟିରେ ଏହା ପଡିବା ପରେ ସେ ତୁରନ୍ତ ମଦୁଆ ଶିକ୍ଷକ ଓ ରୋଷେୟାଙ୍କୁ ମେଡିକାଲରେ ଭର୍ତି କରିବା ସହ ଏ ସଂପର୍କରେ ତେଲକୋଇ ଏବିଇଓ ସୁବାସ ମହାନ୍ତି ଓ ଗୋଷ୍ଠୀ ମଙ୍ଗଳ ଅଧିକାରୀ ସରସ୍ୱତୀ ମୁଣ୍ଡାରୀଙ୍କୁ ଜଣାଇଥିଲେ । ସୂଚନା ଥାଉକି ଗତ ମାର୍ଚ୍ଚ ୨୯ ତାରିଖରେ ଏହି ଡିମିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛାତ୍ରୀ ଙ୍କୁ ଅସଦାଚରଣ ଅଭିଯୋଗରେ ଜେଲ ଯିବାର ୧୦ ଦିନ ନ ପୁରୁଣୁ ପୁଣି ଏଭଳି ଏକ ଅଭାବନୀୟ ଘଟମା ଦେଖିବାକୁ ମିଳିଛି ।

ରାଜ୍ୟରେ ହେବନି ଆଗୁଆ ନିର୍ବାଚନ

ଭୁବନେଶ୍ୱର, ୭।୪(ପି.ଏନ): ରାଜ୍ୟରେ ଆଗୁଆ ନିର୍ବାଚନ କଳ୍ପନାଜଳ୍ପନାକୁ ଖଣ୍ଡନ କରିଛି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପିଆରଓ ପ୍ରତିକ୍ରିୟା ଦେଇଛନ୍ତି ଯେ ଇଭିଏମ୍ ମେସିନ୍ ଗୁଡିକର ନିଶ୍ଚିତ ଅବଧି ରହିଥାଏ। ଫ୍ୟାକ୍ଟ୍ରିରେ ତିଆରି ଇଭିଏମ୍ ଗୁଡିକୁ ଭବିଷ୍ୟତରେ ନିର୍ବାଚନରେ ବ୍ୟବହାର କରିବାପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ରାଜ୍ୟରେ ଆଗୁଆ ନିର୍ବାଚନ ହେବା ନେଇ ଏହା ସହ କୌଣସି ସମ୍ପର୍କ ନାହିଁ। ବିଭିନ୍ନ ଗଣମାଧ୍ୟମରେ ଆଗୁଆ ନିର୍ବାଚନ ନେଇ ଖବର ପ୍ରସାରଣ ହେଉଛି। ଏଭଳି ଖବର ପ୍ରସାରଣରୁ ନିବୃତ ରହିବାକୁ ସେ କହିଛନ୍ତି।

ଗଞ୍ଜାମ ଜିଲ୍ଲାରେ ପଂଚାୟତ ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ

ଗଞ୍ଜାମ, ୭।୪(ପି.ଏନ): ଗଞ୍ଜାମ ଜିଲ୍ଲାରେ ଖାଲି ପଡିଥିବା ୪ଟି ସରପଂଚ, ଜଣେ ସମିତିସଭ୍ୟା ଓ ୩୭୯ ୱାର୍ଡ଼ ସଭ୍ୟ ପଦବୀ ପାଇଁ ଆସନ୍ତା ମଇ ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଶେଷ ହୋଇଛି । ତିନି ଦିନ ମଧ୍ୟରେ ସରପଂଚ ପଦ ପାଇଁ ୧୩ ଜଣ ଓ ୱାର୍ଡ଼ ସଭ୍ୟ ପାଇଁ ମୋଟ୍ ୫୭୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ହିଞ୍ଜିଳି ବ୍ଲକ ସିକିରି ସମିତିସଭ୍ୟା ଓ ସୋରଡ଼ା ବ୍ଲକ ଅମୃତୁଲୁ ସରପଂଚ ପଦ ପାଇଁ ଜଣେ ହେଲେ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିନଥିବା ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହା ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି ।

ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ଛୁଟି କଟାଇବା ପାଇଁ ଜାପାନ ଯାଇଛନ୍ତି ମୁଖ୍ୟମନ୍ତ୍ରୀ : ବିଜେପି

ଭୁବନେଶ୍ୱର, ୭।୪(ପି.ଏନ): ମୁଖ୍ୟମନ୍ତ୍ରୀ ଓ ତାଙ୍କର ଟିମ ବିଭିନ୍ନ କାର୍ଯ୍ୟର ବାହାନା ଦେଇ ଛୁଟି କଟାଇବା ପାଇଁ ଜାପାନ ଗସ୍ତ କରିବା କେବଳ ଏକ ପ୍ରହସନ। ବୁଲିବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଛି କିନ୍ତୁ ରାଜ୍ୟ ରାଜକୋଷରେ ଥିବା ଲୋକମାନଙ୍କ କଷ୍ଟ ଅର୍ଜିତ ଟିକସ ଅର୍ଥକୁ ଖର୍ଚ୍ଚ କରି ଛୁଟି କଟାଇବାକୁ ଯିବା କେତେ ଦୂର ଯୁକ୍ତିଯୁକ୍ତ ? ମୁଖ୍ୟମନ୍ତ୍ରୀ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ଛୁଟି କଟାଇବା ପାଇଁ ମନା ନାହିଁ କିନ୍ତୁ ରାଜ୍ୟର ଯୁବକ ମାନଙ୍କୁ ମିଛ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ ବୋଲି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦଳର ମୁଖପାତ୍ର ସତ୍ୟବ୍ରତ ପଣ୍ଡା ।ଶ୍ରୀ ପଣ୍ଡା କହିଛନ୍ତି ଜାପାନରୁ କିଛି ନୂଆ ଶିଳ୍ପ ଆସୁଛି ନା ପୁରୁଣା ବହିରେ ନୂଆ ମଲାଟ ମଡ଼ାଇଛନ୍ତି ରାଜ୍ୟ ସରକାର। ଇଟାଲି ଏବଂ ୟୁଏଇ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଏବଂ ତୃତୀୟ ମହଲାର ବାବୁମାନେ ଜାପାନ ଗସ୍ତ କରିଛନ୍ତି । ୫ ଘଂଟାର କାର୍ଯ୍ୟକୁ ୭ ଦିନ ଗସ୍ତ କରିବାର ମାନେ କଣ ? ଏହା ଛୁଟି କାଟିବା ନୁହେଁ ତ ଆଉ କଣ ? ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତ କରିବା ଓ ବ୍ୟାପକ ନିବେଶ ଆସିବା ନେଇ ବିଜେଡ଼ି ସରକାର ଦ୍ୱାରା ଯେଉଁ ସବୁ ପ୍ରଚାର କରାଯାଉଛି, ସେ ସବୁର ସତ୍ୟାସତ୍ୟ କେତେ ? ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ସ୍ପୋର୍ଟିଭ୍ ଗ୍ରୁପକୁ ସାଙ୍ଗରେ ନେଇ ଯିବାର ଅର୍ଥ କଣ ? ଓଡ଼ିଶା ସରକାର ଓ ଖଣି ମାଲିକଙ୍କର ମଧ୍ୟସ୍ଥି କରୁଥିବା ଉପକୂଳ ଜିଲ୍ଲାର ସାଂସଦ ତଥା ଯେଉଁ ଅଂଚଳରେ ଖଣିର ନାଁ ଗନ୍ଧ ନାହିଁ ସେ ବି ସରକାରୀ ପଇସାରେ ଜାପାନ ଯିବା ଗସ୍ତର ସ୍ୱାର୍ଥ କଣ ? ପୂର୍ବରୁ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିବା ଇଟାଲି ଏବଂ ୟୁଏଇ ଗସ୍ତ ପରେ ଓଡ଼ିଶାକୁ କେତେ ନିବେଶକ ଆସିଛନ୍ତି ? ଏସବୁ ପ୍ରସଙ୍ଗ ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ରଖିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି ।ଓଡ଼ିଶାରେ ଜାପାନ ପୁଞ୍ଜିନିବେଶକୁ ଆଣିବାରେ ସଫଳ ନେତା ହେଉଛନ୍ତି ଏବେର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏବେ ଯେଉଁ ନିପନ୍ ଷ୍ଟିଲ ପାଇଁ ମୁଖ୍ୟମନ୍ତ୍ରୀ ବାହା ବାହା ନେଉଛନ୍ତି, ଅକ୍ଟୋବର ୨୫, ୨୦୧୯ରେ ଇସ୍ପାତ୍ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବା ସମୟରେ ସେ ପ୍ରତିନିଧି ମଣ୍ଡଳୀ ସହ ୫ ଦିନିଆ ଜାପାନ ଗସ୍ତରେ ଯାଇ ନିପନ ଷ୍ଟିଲ ସମେତ ଜାପାନର ପ୍ରମୁଖ ଇସ୍ପାତ୍ କମ୍ପାନୀଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶ କରିବା ସହ ଭାଗିଦାରୀ ହେବା ପାଇଁ ନିମନ୍ତ୍ରଣ କରିଥିଲେ । ଫେବୃୟାରୀ ୨୭, ୨୦୨୦ରେ ଜାପାନର ରାଷ୍ଟ୍ରଦୂତ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ସରକାରଙ୍କ ସହ ଏକ ମିଳିତ ବୈଠକ ହୋଇଥିଲା ଏବଂ ଏହା ପରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଘୋଷଣା କରାଯାଇଥିଲା। ଜୁନ ୨୪, ୨୦୨୧ରେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ରାପଡା ଯାଇଥିଲେ । ଶିଳ୍ପ କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲା ଏକ ପେଣ୍ଠସ୍ଥଳି ହେବା ନେଇ ଏକ ପ୍ରେସମିଟରେ ମତ ରଖିଥିଲେ ।ଓଡ଼ିଶାରେ ଆର୍ସେଲର ମିତଲ ଓ ନିପନ ଷ୍ଟିଲ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାରେ ୧.୨ ଲକ୍ଷ କୋଟି ବିଦେଶୀ ପୁଞ୍ଜିନିବେଶରେ ୨୪ ଏମଟିପିଏ ବିଶିଷ୍ଟ ଷ୍ଟିଲ୍ ପ୍ଲାଂଟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାବ୍ୟତିତ ଆର୍ସେଲର ମିତଲ ନିପନ ଷ୍ଟିଲ୍ ଜଗତସିଂହପୁରରେ ମଧ୍ୟ ୩୮ ହଜାର କୋଟି ପୁଞ୍ଜିନିବେଶରେ ୭ ଏମଟିପିଏ ବିଶିଷ୍ଟ ଷ୍ଟିଲ ପ୍ଲାଂଟ ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଡିସେମ୍ବର ୧୭, ୨୦୨୧ରେ କେନ୍ଦ୍ରପଡାରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇସାରିଛି। ନିପନ ଓ ଅନ୍ୟ କିଛି ଶିଳ୍ପ ସଂସ୍ଥାର ଓଡ଼ିଶାର ପୁଞ୍ଜିନିବେଶ ନେଇ ଘୋଷଣା ସହିତ ଏମଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇ ସାରିଛି। ତେବେ ଓଡ଼ିଶା ସରକାର କାହିଁକି ପୁରୁଣା କଥାକୁ ନୂଆ କଥା କହି ଯୁବ ସମାଜକୁ ବିଭ୍ରାନ୍ତ କରୁଛି। ମୁଖ୍ୟମନ୍ତ୍ରୀ ନିପନରୁ ଓଡ଼ିଶାକୁ ଇସ୍ପାତ୍ କ୍ଷେତ୍ରରେ ୩୦ ଏମଟିପିଏ ବିଶିଷ୍ଟ ଷ୍ଟିଲ୍ ପ୍ଲାଂଟ ପାଇଁ ପୁଞ୍ଜିନିବେଶ ଆସିବା ନେଇ କହୁଛନ୍ତି । ତେବେ ପୂର୍ବରୁ ଯେଉଁ ଘୋଷଣା ହୋଇଥିଲା ଆର୍ସେଲର ମିତଲ ଏବଂ ନିପନ ସହିତ ସେହି ୨୪ ଏମଟିପିଏ ଷ୍ଟିଲ ପ୍ଲାଂଟ୍ ପାଇଁ ପୁଞ୍ଜିନିବେଶ କଥା କହୁଛନ୍ତି ନା ଏହାକୁ ବାଦ୍ ଦେବା ପରେ ଅତିରିକ୍ତ ୩୦ ଏମଟିପିଏ ଷ୍ଟିଲ୍ ପ୍ଲାଂଟ ସ୍ଥାପନ ହେବା ନେଇ କହୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ । ଏହି ୩୦ ଏମଟିପିଏ ଷ୍ଟିଲ୍ ପ୍ଲାଂଟ ପାଇଁ ସରକାର କହୁଥିବା ପୁଞ୍ଜିନିବେଶରେ କେବଳ ନିପନ କମ୍ପାନୀ ଅଛି ନା ଆର୍ସେଲର ମିତଲ ସହ ନିପନ ଅଛି ? ଏହା ଉପରେ ସ୍ପଷ୍ଟୀକରଣ ରଖନ୍ତୁ। ୨୦୦୬ ମସିହାରେ ଆର୍ସେଲର ମିତଲ ୫୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶରେ କେନ୍ଦୁଝର ଜିଲ୍ଲାରେ ୧୨ ମିଲିୟନ ଟନର ଇସ୍ପାତ୍ କାରଖାନା ସ୍ଥାପନା ଦେଇ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲେ ଏବଂ ୨୦୧୩ରେ ଏହି ପ୍ରକଳ୍ପରୁ ଓହରିଯିବା ନେଇ ଘୋଷଣା କରିଥିଲେ। ଏହି ପ୍ରକଳ୍ପକୁ ରାଜ୍ୟ ସରକାର ଆଗେଇ ନେବାରେ ବିଫଳ ହୋଇଛନ୍ତି। ଯେଉଁ କେନ୍ଦୁଝର ଜିଲ୍ଲାର ରାଜସ୍ୱରୁ ବିପୁଳ ଅର୍ଥ ଓଡ଼ିଶା ପାଉଛି, ସେହି ଅଂଚଳକୁ କିଛି ନ ଦେବାର ଯୋଜନା କାହିଁକି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ।

ଗଣତନ୍ତ୍ର ନୁହେଁ, ବଂଶବାଦ ରାଜନୀତି ବିପଦରେ ଅଛି: ଅମିତ ଶାହ

ନୂଆଦିଲ୍ଲୀ,୭।୪(ପି.ଏନ): ଦେଶର ଗଣତନ୍ତ୍ର ବିପଦରେ ନାହିଁ। ବିପଦରେ ଅଛି ବଂଶବାଦ ଓ ଜାତିବାଦ ରାଜନୀତି।' ଶୁକ୍ରବାର ଉତ୍ତର ପ୍ରଦେଶର କୌଶମ୍ବିରେ କୌଶମ୍ବି ମହୋତ୍ସବକୁ ଉଦଘାଟନ କରିବା ଅବସରରେ ଏହି କଥା କହି ବିରୋଧୀ ଦଳଗୁଡିକୁ ସମାଲୋଚନା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।ସେ ଆହୁରି କହିଛନ୍ତି, ରାହୁଲ ଗାନ୍ଧିଙ୍କ ସାଂସଦ ପଦ ରଦ୍ଦ ହେବା ପରେ ବିରୋଧୀମାନେ ସଂସଦକୁ ଚାଲିବାକୁ ଦେଲେ ନାହିଁ। ଏଥିପାଇଁ ଏ ଦେଶ ବିରୋଧୀମାନଙ୍କୁ କେବେ ବି କ୍ଷମା କରିବ ନାହିଁ।ଏହା ସହିତ ୨୦୨୪ରେ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ କରିବା ପାଇଁ ବିଜେପିକୁ ଭୋଟ୍ ଦେବାକୁ ସେ ଉପସ୍ଥିତ ଲୋକଙ୍କୁ

ଟି ଟାଇମ୍

ଶହେ ବର୍ଷ ପରେ କନ୍ୟା ସନ୍ତାନ

ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବରରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବସ୍ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

ପୁରାଣ କାହାଣୀ

ମୃଷାଙ୍କ ମନ୍ଦିର

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା ।

ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ରରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ର ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ରର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

ଦୃଷ୍ଟିହୀନଙ୍କର ଆଶା ବାଡ଼ି



ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

ଥରକେ ୧୦୦

ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକୋ ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକୋ ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

ମିଥିଳା ଶକ୍ତିପୀଠ

ହିନ୍ଦୁମାନଙ୍କର ଧାର୍ମିକ ସ୍ଥାନ ଗୁଡ଼ିକ ମଧ୍ୟରେ ମିଥିଳା ଶକ୍ତିପୀଠ ଅନ୍ୟତମ। ମିଥିଳା ଶକ୍ତିପୀଠରେ ମାତା ସତୀଙ୍କ ବାମ କାନ୍ଧର ଅଂଶ (ଖଣ୍ଡ) ପଡ଼ିଥିଲା। ପୌରାଣିକ କଥା ତଥା ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଂଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ

କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

ତେବେ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ପଡ଼ିଥିବା ମାତା ସତୀଙ୍କର ସେହି ଖଣ୍ଡ ବା ଅଂଶ ମାନଙ୍କ ମଧ୍ୟରୁ ମିଥିଳା ଶକ୍ତିପୀଠରେ ମା'ସତୀଙ୍କର ବାମ କାନ୍ଧର ଅଂଶ ପଡ଼ିଥିଲା। ମାତ୍ର ମିଥିଳା ଶକ୍ତିପୀଠର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି, ଅର୍ଥାତ୍ ସଠିକ୍ ସ୍ଥାନକୁ ନେଇ ଅନେକ ମତ-ମତାନ୍ତର

ଚାଲୁ ରହିଛି। ମିଥିଳା ଶକ୍ତିପୀଠ ନାମରେ ତିନି ମୁଖ୍ୟ ସ୍ଥାନର ମନ୍ଦିର ଗୁଡ଼ିକୁ ଶକ୍ତିପୀଠ ଭାବେ ଗ୍ରହଣ କରାଯାଇଛି।

ପ୍ରଥମ ସ୍ଥାନ ନେପାଳରେ ବୋଲି କୁହା ଯାଉଛି, ଯାହା ଜନକପୁର ଠାରୁ ପନ୍ଦର କିଲୋମିଟର ପୂର୍ବ ଦିଗକୁ ମଧୁବନୀର ଉଚ୍ଚତମ ସ୍ଥାନ ଉପରେ "ବନଦୁର୍ଗା"ମନ୍ଦିର ଅବସ୍ଥିତ।

ଦ୍ୱିତୀୟ ସ୍ଥାନକୁ ଭାରତର ବିହାର ରାଜ୍ୟ ଅନ୍ତର୍ଗତ ସମସ୍ତିପୁର ଠାରୁ ୬୧ କିଲୋମିଟର ଦୂର ଓ ସଲୌନା ରେଳ ଷ୍ଟେସନରୁ ୯ କିଲୋମିଟର ଦୂର "ଜୟମଙ୍ଗଳା ଦେବୀ ମନ୍ଦିର" ଅବସ୍ଥିତ।

ତୃତୀୟ ସ୍ଥାନକୁ ଭାରତର ବିହାର ରାଜ୍ୟ ଅନ୍ତର୍ଗତ ସହରସା ଷ୍ଟେସନ ପାଖରେ ଅବସ୍ଥିତ "ଉଗ୍ରତାରା ମନ୍ଦିର" ବୋଲି କୁହାଯାଏ।

ମିଥିଳା ଶକ୍ତିପୀଠ ଭାରତ ଓ ନେପାଳ ସୀମାର ଦରଭଙ୍ଗା ଠାରେ ଅବସ୍ଥିତ ଥିବା କୁହାଯାଏ।

ଏହି ସ୍ଥାନ ଅନ୍ୟ ସ୍ଥାନ ଅପେକ୍ଷା ଅଧିକ ଲୋକପ୍ରିୟ ଭାବରେ ଧରାଯାଏ। ଏହି ମନ୍ଦିରରେ ଦେବୀ ଉମା ଓ ଭଗବାନ ମହୋଦରଙ୍କ ମୂର୍ତ୍ତୀ ପ୍ରତିଷ୍ଠିତ ହୋଇଛି।

ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଗୋଟିଏ। ଏହି ମନ୍ଦିରରେ ଶକ୍ତିଙ୍କୁ "ଉମା" ବା "ମହାଦେବୀ" ରୂପରେ ପୂଜା କରାଯାଏ ଏବଂ ଭୈରବଙ୍କୁ "ମହୋଦର" ଭାବରେ ପୂଜା କରାଯାଇ ଥାଏ।

ଏହି ଶକ୍ତିପୀଠରେ ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୂମଧାମରେ ପାଳନ କରାଯାଏ। ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ। ଯେଉଁ ଭକ୍ତ ମାତାଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ମାତା ପ୍ରତ୍ୟକ୍ଷ ଦେବୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି।

ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

'ଓଡ଼ିଶା ସ୍ୱର'ର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ

ଭୁବନେଶ୍ୱର (ପିଏନ୍): ସାହିତ୍ୟିକମାନେ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ। ଅନ୍ୟାୟ, ଅନୀତି ବିରୋଧରେ ସେମାନେ ନିର୍ଭୀକଭାବେ ସ୍ୱରଉତ୍ତୋଳନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଶା ସ୍ୱର'ର ପଞ୍ଚଦଶତମ ବାର୍ଷିକ ଉତ୍ସବ ଏବଂ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଉଦ୍‌ଘାଟନ କରି ପୂର୍ବତନମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ମୁଖ୍ୟ ଅତିଥି ରୂପେ ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ କହିଲେ ଯେ, ସାହିତ୍ୟ ଜୀବନରେ ଶାନ୍ତି ଆଣିଦେଇଥାଏ। ଓଡ଼ିଆ ଜାତିର ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହ ସାହିତ୍ୟିକମାନେ ନିର୍ଭୀକଭାବେ ଲେଖନୀଚାଳନା କରିବାକୁ ଆହ୍ୱାନ ଦେଇଛନ୍ତି। ହୀନମନ୍ୟତାରୁ ଦୂରରେ ରହି ଓଡ଼ିଆଜାତି ସର୍ବଭାରତୀୟ ସ୍ତରରେ ପ୍ରତିଭାର ପରିଚୟ ଦେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। 'ଓଡ଼ିଶା ସ୍ୱର'ର ସଭାପତି ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସମାଜକୁ ଗତିଶୀଳ କରାଇବାରେ ସାହିତ୍ୟିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ। ଏହି ଉତ୍ସବରେ ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶିକ୍ଷାବିତ୍ ତଥା ଆଞ୍ଚଳିକ ପ୍ରତିଷ୍ଠାନ ଭୁବନେଶ୍ୱରର ମୁଖ୍ୟ ଶକ୍ତିପ୍ରସାଦ ମିଶ୍ର, କବି ସୌଭାଗିନୀ ରାୟ ଓ ସମାଜସେବୀ ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସାହିତ୍ୟ ଓ ସମ୍ବାଦ ମଧ୍ୟରେ କ୍ରିୟାଶୀଳ ଓ ସୃଜନ ସମ୍ପର୍କ ରହିଛି। ସାହିତ୍ୟ ସମ୍ବାଦରୁ ଜୀବନୀ ଶକ୍ତି ସଂଗ୍ରହ କରେ। ସାହିତ୍ୟ ଓ ସମ୍ବାଦ ମଧ୍ୟରେ ରହିଥିବା ସମ୍ପର୍କକୁ ଆହୁରି ରୁଦ୍ଧିମନ୍ତ କରିବାକୁ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ କଣ୍ଟୁରୀ ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ଯୁବ ଶିଳ୍ପୋଦ୍ୟୋଗୀ ମିହିର ରଞ୍ଜନ ରଥ, ସମାଜସେବୀ ରମେଶ ଚନ୍ଦ୍ର ମହାପାତ୍ର, ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ, ଲେଖିକା ସଂଯୁକ୍ତା ପରିଡ଼ା, କବି ପ୍ରସନ୍ନ ସ୍ୱାଇଁ, ଚନ୍ଦ୍ରକାନ୍ତ ଦଳେଇ, ପ୍ରସନ୍ନ ନାୟକ ଓ ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସ୍ୱନକ୍ଷତ୍ର ସଂଖ୍ୟାକୁ ଉତ୍ସବରେ ଉନ୍ମୋଚନ କରାଯାଇଥିଲା। ପରେ କବି ତଥା ରାଜ୍ୟପାଳଙ୍କ ସୂଚନା ଅଧିକାରୀ ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସୌଦାମିନୀ ବେହେରା, ଚମକ ଚନ୍ଦିନୀ ଦାସ, ଗୋଲକ ବିହାରୀ ନାୟକ, ଭଜକୃଷ୍ଣ ମହାନ୍ତି, ରୋହିତ ଚମ୍ପତି ଓ ରମେଶ ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି ତାଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ପତ୍ରିକାର ସମ୍ପାଦକ କଣ୍ଟୁରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

୨୦ ନମ୍ବର ୱାର୍ଡର ଅଦ୍ୱିତୀୟ ନେତା ବାଜିଆ ଭାଇଙ୍କ ପ୍ରଚାର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌରାଞ୍ଚଳର ଅଦ୍ୱିତୀୟ ନେତାଭାବେ ବେଶ ପ୍ରସିଦ୍ଧି ଓ ଲୋକପ୍ରିୟ ହେଉଛନ୍ତି ଶରତ କୁମାର ବେହୁରା ଓରଫ ବାଜିଆ ଭାଇ। ନଗରପାଳ ପ୍ରାର୍ଥୀ ଭାବେ ତାଙ୍କ ନାମ ଗତ ଏକ ବର୍ଷ ହେବ ଚର୍ଚ୍ଚାରେ ରହିଥିଲା। କିନ୍ତୁ ନଗରପାଳ ଟିକଟ ନ ମିଳିବା ହେତୁ ତାଙ୍କୁ ବିଜେଡି କାଉନସିଲର ଟିକଟ ଦେଇଛି। ୨୦ ନମ୍ବର ୱାର୍ଡରେ ତାଙ୍କ ପ୍ରଚାର ଶୈଳୀ ଭୋଟରମାନଙ୍କୁ ବେଶ ଆକୃଷ୍ଟ କରିଛି। ସେ ପୂର୍ବରୁ ୫ ଥର କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି। ତେଣୁ ତାଙ୍କୁ ଏଥର ବହୁ ଭୋଟରେ ଜନତା ବିଜୟୀ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ବେହୁରା ଘରକୁ ଘର ପ୍ରଚାର କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଶ୍ରୀ ବେହୁରା କହିଥିଲେ ନବୀନ ବାବୁଙ୍କ ପ୍ରଚେଷ୍ଟା ଯୋଗୁଁ କେନ୍ଦ୍ରାପଡ଼ାର ୩୦ରୁ ଅଧିକ ବିଦ୍ୟାଳୟ ରୁପାନ୍ତରିକରଣ ହୋଇ ଅତ୍ୟାଧୁନିକ ବିଦ୍ୟାଳୟରେ ପରିଣତ ହୋଇପାରିଛି। ସେହି ବିକାଶ ଧାରା କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଆରମ୍ଭ ହେବାକୁ ଯାଉଛି। ପୌରାଞ୍ଚଳରେ ଥିବା ବିଦ୍ୟାଳୟଗୁଡିକ ନିର୍ବାଚନ ପରେ ରୁପାନ୍ତରୀକରଣ ହେବ। ସେହିପରି ନବୀନ ବାବୁଙ୍କ ଉଦ୍ୟମରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ୨୦ ନମ୍ବର ୱାର୍ଡର ମହା ବିକାଶ ହେବା ସହିତ ସମଗ୍ର କେନ୍ଦ୍ରାପଡ଼ା ସହରର ବିକାଶ ହେବ ବୋଲି ଶ୍ରୀ ବେହୁରା ଭୋଟରମାନଙ୍କୁ କହିଥିଲେ। ତାଙ୍କ ପ୍ରଚାର ଶୈଳୀ ଦେଖି ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ନିଦ ହଜି ଯାଇଛି। ସେମାନେ ଏବେଠାରୁ ନିର୍ବାଚନ ପ୍ରଚାରରେ ପଛେଇ ଗଲେଣି। କାରଣ ସେମାନେ ନିଶ୍ଚିତ ହୋଇ ସାରିଲେଣି ଯେ ବାଜିଆ ଭାଇଙ୍କର ବହୁ ଲୋକପ୍ରିୟତା ରହିଛି।

ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ କେନ୍ଦ୍ରାପଡାର ଫୈସଲ ଦ୍ୱିତୀୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ପୁଅ ମହମ୍ମଦ ଫହିସ ଫୈସଲ ଆନ୍ତଃ ବିଶ୍ୱବିଦ୍ୟାଳୟର "ଜଷ୍ଟ ଏ ମିନିଟ" ବକ୍ତୃତା ପ୍ରତିଯୋଗିତାରେ ସାରା ଓଡିଶାରେ ଦ୍ୱିତୀୟ ସ୍ଥାନ ହାସଲ କରି ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଫୈସଲ ହେଉଛନ୍ତି କେନ୍ଦ୍ରାପଡା ସହରର ସାନ୍ତସାହିସ୍ଥିତ ଆଇନଜୀବୀ ମହମ୍ମଦ ନଜମଙ୍କ ସୁପୁତ୍ର। ଫୈସଲ କେନ୍ଦ୍ରାପଡା ସେଣ୍ଟଯୋଶେଫ ସ୍କୁଲରୁ ମାଟ୍ରିକ ପରୀକ୍ଷାରେ କୃତିତ୍ୱର ସହ ୯୬ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ +୨ ପରୀକ୍ଷାରେ ୯୩ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ +୩ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର ଭାବେ ଅଧ୍ୟୟନରତ ଫୈସଲ। ସେ ଜଣେ ମେଧାବୀ ଛାତ୍ର ତଥା ସ୍ୱେଚ୍ଛାକୃତ ରକ୍ତଦାତା ଭାବେ କେନ୍ଦ୍ରାପଡା ଜିଲ୍ଲାରେ ବେଶ ଜଣାଶୁଣା। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି ଆନ୍ତଃ ବିଶ୍ୱବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଓଡିଶାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଫୈସଲଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରମାଣପତ୍ର, କପ ଓ ୨୫ହଜାର ଟଙ୍କାର ଏକ ଚେକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଜିଲ୍ଲା କଂଗ୍ରେସ ସଭାପତି ରମେଶ ଜେନା ଓ ମହାନଗର ନିଗମ ମେୟର ପ୍ରାର୍ଥିନୀ ମଞ୍ଜୁ ରଥଙ୍କ ନିର୍ବାଚନ ପ୍ରଚାର ଜୋରଦାର

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ ପରିପ୍ରେକ୍ଷୀରେ ୫ ଓ ୨୧ ନଂ ୱାର୍ଡରେ କଂଗ୍ରେସର ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। କଂଗ୍ରେସ ଜିଲ୍ଲା ସଭାପତି ତଥା ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। କଂଗ୍ରେସର ମେୟର ପ୍ରାର୍ଥିନୀ ମଞ୍ଜୁ ରଥ, ୫ ନଂ ୱାର୍ଡର କର୍ପୋରେଟର ପ୍ରାର୍ଥିନୀ କଳ୍ପନା ମାଝି , ୨୧ ନଂ ୱାର୍ଡର କର୍ପୋରେଟର ପ୍ରାର୍ଥୀ ଏସ୍.ରାଣୀଙ୍କ ସମେତ ବିଭିନ୍ନ ୱାର୍ଡରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ବିଧାୟକ ଶ୍ରୀ ଜେନା ବିଭିନ୍ନ ଅଞ୍ଚଳ ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ। ପ୍ରାରମ୍ଭରେ ୫ ନଂ ୱାର୍ଡରେ କଂଗ୍ରେସର ନିର୍ବାଚନ କାର୍ଯ୍ୟାଳୟକୁ ଶ୍ରୀ ଜେନା ଉଦଘାଟନ କରି ବ୍ରହ୍ମପୁର ସହରର ମୌଳିକ ସମସ୍ୟା ସମାଧାନ କରିବା ଦିଗରେ ମହାନଗର ନିଗମ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ଏହି ବ୍ୟବସ୍ଥାର ପରିବର୍ତ୍ତନ ପାଇଁ କଂଗ୍ରେସ ହିଁ ଏକ ବିକଳ୍ପ ଦଳ।

ଚଳିତ ନିର୍ବାଚନରେ ଭୋଟର ଉଚିତ ଜବାବ ଦେବେ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। ନିରପେକ୍ଷ ନିର୍ବାଚନ ପରିଚାଳନା ସଠିକ୍ ଭାବେ ହୋଇପାରୁନାହିଁ ବୋଲି କହିବା ସହ ସମ୍ବିଧାନକୁ ସମ୍ମାନ ପ୍ରଦାନ କରାଯାଉ। ମେୟର ପ୍ରାର୍ଥିନୀ ମଞ୍ଜୁ ରଥ ସହରର ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି, ତାହା କେବଳ କଂଗ୍ରେସ ଅମଳରେ ହିଁ ହୋଇଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ଧରି କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ସୌନ୍ଦର୍ଯ୍ୟକରଣ ପାଇଁ ସହରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ସହରବାସୀଙ୍କ ମୌଳିକ ସମସ୍ୟା ପୂରଣ କରିବାରେ ନିଗମ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ସଚେତନ ନାଗରିକମାନେ ଏଦିଗରେ ସୁଚିନ୍ତିତ ବିଚାର କରିବାର ସମୟ ଆସିଛି। ତେଣୁ କଂଗ୍ରେସ ଦଳକୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସର ମୁଖପାତ୍ର ରବି ରଥ, କଂଗ୍ରେସ ନେତା ରଶ୍ମି ପଟ୍ଟନାୟକ, ସମାଜସେବୀ ପ୍ରବୀର ପାତ୍ର, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମ ଫଳକ ଲେଖିବା ବାଧ୍ୟତାମୂଳକ

ଭୁବନେଶ୍ୱର, (ପି.ଏନ): ପୂର୍ବରୁ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁସାରେ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ନାମଫଳକ ଲେଖିବା ବାଧ୍ୟତାମୂଳକ କରାଯାଇଥିଲା । ଚଳିତ ମାସ ଠାରୁ କଡାକଡି ଭାବେ ଚେକିଂ କରାଯାଇ ୭ ଦିନିଆ ନୋଟିସ ଦିଆଯିବ। ଖିଲାପ କଲେ ଜୋରିମାନା ଆଦାୟ କର



ଭୁବନେଶ୍ୱର, ୨୦୨୩, ଅପ୍ରେଲ ୮

ଶୋଭନୀୟ ଝଙ୍କାରର ଅନାହତ ଆହ୍ୱାନ...

ଡଃ.ଅରୁନ୍ଧତୀ ଦେବୀ

ସେ ଆସନ୍ତି ଯୁଗେ ଯୁଗେ ଏଥର ସେମିତି 'ଯଦା ଯଦାହି ଧର୍ମସ୍ୟ...'ର ସତ୍ୟକୁ ବହନ କରି ଜଗତର ସୁରକ୍ଷା, ଶାନ୍ତି ମଙ୍ଗଳାର୍ଥେ । ଅନୀତି, ଅଶାନ୍ତି ଅଶୋଭନୀୟତାର କରାଳ ଅନ୍ଧକାରମୟ ଗହ୍ୱର ଆଡ଼କୁ ତୀବ୍ର ବେଗରେ ଧାବମାନ ମାନବ ମଧ୍ୟରେ ଚେତନାର ଆଲୋକ ବିଞ୍ଚିବା ନିମନ୍ତେ । ଶୁଭ୍ରବସ୍ତ୍ର ପରିହିତ ସେହି ଅତି ମାନୁଷୀ ପ୍ରେମ କରୁଣାସିକ୍ତ ମୂର୍ତ୍ତି । କୁମୁଦ କଳି ନିନ୍ଦିତ ଦେବ ତପସ୍ୱୀର ଢ଼ଳ ଢ଼ଳ ବିଶାଳ ଦୀପ୍ତ ନୟନ ଯୁଗଳ । ଭ୍ରାନ୍ତି ପଥର ପଥିକ ତଥା ଦୁଃଖ, ଦୁର୍ଦ୍ଦଶା ଜର୍ଜରିତ ମଣିଷର ଉଦ୍ଧାର ପାଇଁ ଅଜସ୍ର ସମବେଦନାରେ ଜଡ଼ସଡ଼ ସେ ଦୟାର୍ଦ୍ର ମୁଖମଣ୍ଡଳର ରେଖା ସକଳ । ଅତି ଆକୁଳ ସେ ବ୍ୟଥିତ ପ୍ରାଣର କମ୍ପନ । ହେ ବର୍ଣ୍ଣନାତୀତ ! ହେ ଜ୍ଞାନାତୀତ ! ହେ ଅଗମ୍ୟ । ହେ ମନର ଅଗୋଚର... ତୁମରି ତୃପ୍ତିପ୍ରଦ କଥାମୃତ ଶ୍ରବଣରେ ପ୍ରାଣ ହୋଇଉଠେ ଉଲ୍ଲସିତ । ତୁମ ବାଣୀ ଏତେ ଶୋଭାମୟ, ଆନନ୍ଦଦାୟକ ଯେ ତାହା ନିକଟରେ ତୁଚ୍ଛ ହୋଇଯାଏ ଏପରିକି କୈବଲ୍ୟର ବିଶେଷତ୍ୱ । ତରଳ ଭକ୍ତିରସର ଅଫୁରନ୍ତ ଉତ୍ସାହ ସହେ ପ୍ରବଳ ପରାକ୍ରମ ଉଦ୍ରେକକାରୀ ଜୀବନ ଗୀତାର ପ୍ରବକ୍ତା । ଭାସି ଆସୁଛି ତୁମ ପଞ୍ଚଜନ୍ୟର ନିର୍ଘୋଷ – 'ଉଠ ଅର୍ଜୁନ ଜାଗ ଜାଗ, ତୁମେ କ୍ଲାନ୍ତ ଅବଶ ହୁଅନା, ଉଠ ଅର୍ଜୁନ ଧର ଅସ୍ତ୍ର, ତୁମେ ମାୟା ଆସକ୍ତି ବରନା ।' ହେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରାଣମୟ କର୍ତ୍ତା, ସ୍ରଷ୍ଟା ! ଅପୂର୍ବ ଉତ୍ସାହ ଉଦ୍ଦୀପନାର ସେହି ପବିତ୍ର ମନ୍ତ୍ରୋଦକ ସ୍ନାତ ସମର୍ଥ ଯୋଦ୍ଧା ଆପଣଙ୍କ ପରମ ପ୍ରଶାନ୍ତିର ପୂର୍ଣ୍ଣ କୃତି, ଆଜି ଶୋଭନୀୟ ରଥର ପୁରୋଭାଗରେ ବିଦ୍ୟମାନ । ଆମ୍ଭମାନଙ୍କ ଉତ୍ସାହ ସେଥିପାଇଁ ହୋଇଛି ବହୁଗୁଣିତ । ଶକ୍ତି ଲାଗୁଛି ଅପରିମିତ । ଭୟ, ଆଶଙ୍କା ତୁଟିଯାଉଛି । ହଁ, ଅସମ୍ଭବ କ'ଣ ? 'ତ୍ୱୟା ହୃଷିକେଶ ରଥେ ସ୍ଥିତେନ' । ତୁମେ ତ ସ୍ୱୟଂ ରଥାରୂଢ଼, ରଥରେ ଅବସ୍ଥାପିତ । ସେହି ରଥରେ ଶୋଭା ପାଉଛି ମାନବିକତାର, ପୂର୍ଣ୍ଣକୁମ୍ଭ, ଯହିଁରେ ମାନବପ୍ରୀତି, ଦୟା, କ୍ଷମା, ତ୍ୟାଗ, ତିତିକ୍ଷା, ସହିଷ୍ଣୁତା, ଉଦାରତା ଆଦି ରସରେ ପରିପୂର୍ଣ୍ଣ ହୋଇ ରହିଛି । ଶୋଭନୀୟ ବାହିନୀର ଯାତ୍ରୀଗଣ ସ୍ମରଣ କରୁଛନ୍ତି ଆପଣଙ୍କ ସୁପ୍ରେରଣାଦାୟୀ ଆହ୍ୱାନକୁ । ସେହି ପରମ ଶାନ୍ତିପ୍ରଦ ଅଭୟ ଚରଣରେ ଶରଣ ନେଇ ଏବଂ ଆତ୍ମଶୁଦ୍ଧି, ବିଶ୍ୱ ଶୁଦ୍ଧିର ଶୋଭନୀୟ ରଥରେ ଆଶ୍ରୟ ନେଇ, ଜାଗରେ ଶୋଭନୀୟ ବାହିନୀ, ଉଠରେ ବୀର ସନ୍ତାନଗଣ, ପ୍ରସ୍ତୁତ ରୁହରେ ସେନାପତିଙ୍କ ନିର୍ଦ୍ଦେଶ ପାଇଁ, ବରରେ 'ଆଉ କେହି ଭଲ ହେଉ ବା ନ ହେଉ, ଭଲ ମୁଁ ନିଜକୁ କରିବଇଁ'ର ମହାମନ୍ତ୍ରକୁ, ଗାଅରେ ଶୋଭନୀୟ ଯୁଗର ସ୍ୱାଗତିକା, ଆଦରି ନିଅରେ ଆତ୍ମସମୀକ୍ଷାର ବ୍ରତ, ହୁଅରେ ଆତ୍ମଶୁଦ୍ଧିରେ ଶକ୍ତ । କେତେ କାଳ ଆଉ ଦୁର୍ଲ୍ଲଭ ମଣିଷ ଜୀବନର ଉଜୁଡ଼ା ସ୍ୱପ୍ନକୁ ସାମ୍ନା କରୁଥିବା ? କେତେକାଳ ଆଉ ହିଂସା, ପ୍ରତିହିଂସା, ହଣା, ମରା, ଗୁଳିଗୋଳା, ବୋମା ବିସ୍ଫୋରଣରେ ମାନବ ଜୀବନର ମହତ୍ତ୍ୱକୁ କଳଙ୍କିତ କରୁଥିବା, କେତେକାଳ ଆଉ ଅମୃତମୟ ଜୀବନକୁ ବିଷାକ୍ତ କରୁଥିବା, କେତେ ଆଉ ଅନୀତି, ଦୁର୍ନୀତି, ଅଶାନ୍ତି, ଅସାଧୁତା, ନିଷ୍ଠାହୀନତା, ଅମାନବିକତା, ସନ୍ତ୍ରାସବାଦ ଯୁଦ୍ଧର ବିଭୀଷିକାରେ ପୋଡ଼ି ଯାଉଥିବା ମଣିଷ ଜୀବନର ହାହାକାରକୁ ଦେଖୁଥିବା ?

ହେ ସୁନୀତି ସାଧକଗଣ ! କିଏ କେଉଁଠାରେ ଅଛ ଶୀଘ୍ର ଆସ ! ମନ ଦାନ କର । ଶ୍ରମ ଦାନ କର । ତୁମରି ପାଇଁ ଆଜି ଶୋଭନୀୟ ରଥ ପ୍ରତୀକ୍ଷା କରି ରହିଛି । ତୁମେ ପହଞ୍ଚିଗଲେ ସେ ଘର୍ଘର ନାଦରେ ଆଗକୁ ଗଡ଼ିଚାଲିବ । ଜଗତ ଚମକି ଚାହିଁବ । ସାଧୁସନ୍ଥ ହର୍ଷୋତ୍ଫୁଲ୍ଲ ହେବେ । ଦୂରାଚାରୀ, ଅନ୍ୟାୟୀ ଭୟରେ କମ୍ପମାନ ହେବେ । ଶୋଭନୀୟ ତୂର୍ଯ୍ୟ ନାଦରେ ଅନୀତି ରାକ୍ଷସ ଆତ୍ମଗୋପନ କରିବ । ଆସ ମା' ମଙ୍ଗଳମୟୀ, ଦୁହିତା, ବନିତା, ଭଗିନୀ, ରାଷ୍ଟ୍ରର ପତାକା । ଆସ ପୁତ୍ର, ଭ୍ରାତା, ପିତା ଯାତ୍ରାର ବର୍ତ୍ତାକା । ଅନୀତି ଅନ୍ଧକାର ଘେରା ରଜନୀ । ଜାଳିଦେବା ଆମେ ବାସ୍ତବ ଶାନ୍ତି ସଂପ୍ରୀତିର ଦୀପାଳି । ଆଜି ଚିରବନ୍ଦ୍ୟ ଗୁରୁଦେବ ପୂଜ୍ୟ ଶ୍ରୀ ଭାଇଙ୍କର ପବିତ୍ର ଜୟନ୍ତୀ ଉତ୍ସବ । ଜଗତବାସୀଙ୍କ କଲ୍ୟାଣ ନିମନ୍ତେ ତାଙ୍କ ଭାବ ସମୂହକୁ ସର୍ବତ୍ର ପହଞ୍ଚାଇବାର ଗୁରୁଦାୟିତ୍ୱ ରହିଛି । ଏଥିରେ ଆମେ କିଛି ସମ୍ପ୍ରଦାୟ ଗଠନ କରୁନୁ, କିଛି ଗୋଟାଏ ଧର୍ମ ପ୍ରଚାର କରୁନୁ । କେଉଁ ଧର୍ମକୁ ଆହତ କରୁନୁ । ବରଂ ତାଙ୍କ ଦର୍ଶନରେ ନିନାଦିତ ହୁଏ ସବୁ ଧର୍ମର ସାରବତାର ଜୟ ଗାନ । ସବୁବାଦର ମୂଳବାଦ ମାନବବାଦର ଜୟଗୀତି । ହେ ସୁପରିବର୍ତ୍ତନର ବାର୍ତ୍ତାବହ ସୁଆଶାର ସୂର୍ଯ୍ୟ ! ତୁମ ହୃଦୟ କନ୍ଦରରୁ ଫିଟି ପଡିଛି ଅସଂଖ୍ୟ ଶୋଭନୀୟ ସାହିତ୍ୟର ଅମୀୟ ନିର୍ଝର । ସୃଷ୍ଟି ହୋଇଛି ଶୋଭନୀୟ ସାହିତ୍ୟର ସମୁଦ୍ର, ଯାହାର ବିସ୍ତୃତି ଆଖି ପାଏନା କି ସେ ଅମୂଲ୍ୟ ରତ୍ନର ମୂଲ୍ୟକୁ କଳି ହୁଏନା । ବିଶ୍ୱ ସାହିତ୍ୟରେ ଯାହାର ତୁଳନା ନାହିଁ । ସୃଷ୍ଟିର କଲ୍ୟାଣ ପାଇଁ ତାହା ନିରନ୍ତର ପ୍ରବାହିତ । ଶିଶୁ କଣ୍ଠରେ ବି ଯାହା ମହ ମହ ମହକିତ, ହେ ମହାସୂର୍ଯ୍ୟ ! ଅନେକ ତୁମ ଜୟନ୍ତୀ ସଭାରେ ଗାଇଛନ୍ତି ଆଗରୁ, ଆଜି ବି ଗାଇବେ – କୋଟି ସୂର୍ଯ୍ୟର ଆଭା ନେଇ ତୁମେ / ଆସିଥିଲ ଏହି ମର୍ତ୍ତ୍ୟ ଭୂମେ । ଚିହ୍ନି ପାରି ନଥିଲି ସିନା, ଖୁବ୍ ପାଖାପାଖି ଦେଖିଛି, କେତେ କେତେ ଆଶ୍ଚର୍ଯ୍ୟକର ଘଟଣା ପ୍ରତ୍ୟକ୍ଷ କରି ବିସ୍ମୟ ଉଦଧିରେ ଉବୁଟୁବୁ ହୋଇଛି । ତୁମେ ତୁମ ଭକ୍ତର ଆପଣାର, ଶତ୍ରୁର ମଧ୍ୟ ଆପଣାର । ପ୍ରଶଂସକର ଆପଣାର । ଅବୁଝାର ମଧ୍ୟ ଆପଣାର । ସୁପ୍ରିମ୍ କୋର୍ଟର କେସ ଚାଲିଥାଏ । ପ୍ରତିପକ୍ଷ କରୁଣା ଗୁରୁଜୀଙ୍କ ଗଜେନ୍ଦ୍ରପୁର ଘାଟକୂଳେ ସେଦିନ ପାଇ ତୁମେ ପରମ ଶ୍ରଦ୍ଧାରେ ଆଉସି ଦେଇଥିଲ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସେଦିନ ସେ ପ୍ରତ୍ୟକ୍ଷ କରିଥିଲେ । ଯେଉଁଥିପାଇଁ ତୁମ ସ୍ଥୂଳ ଅବର୍ତ୍ତମାନରେ ତୁମ ଫଟୋଚିତ୍ର ଆଗରେ ନତଜାନୁ ହୋଇ ଭୋ ଭୋ ବୁକୁଫଟା କ୍ରନ୍ଦନର କରୁଣଧ୍ୱନି ତୋଳୁଥିଲେ । ଆହା ! ତୁମେ ଅନ୍ତରେ ବାହାରେ ଚତୁର୍ଦ୍ଦିଗରେ ପୂରି ରହିଛ । ଅଭାବରେ, ଆପଦରେ ବିପଦରେ ଜଗି ରହିଛ । ତଥାପି ତୁମର ସ୍ଥୂଳ ଦର୍ଶନ ପାଇଁ ପ୍ରାଣ ଆତୁର ହୋଇ ଉଠୁଛି । ତୁମେ କ'ଣ ସେହି ଦର୍ଶନ ଆଉ ଦେବନି ହୃଦ ଭିତରେ କାରୁଣ୍ୟର ଝଙ୍କାର ତୋଳୁଛି ଆଜି ସେହି ଭଗବତ୍ ପ୍ରୀତିଭରା ଭକ୍ତି ସଂଗୀତର ଅଭିବ୍ୟକ୍ତ । ନପାରିବି ସିନା ଦେଖି ନୟନରେ, ଆଲୋକ ହୋଇ ଛୁଇଁବି ପୟରେ, ପୂଜିବେ ପରାଣ ଭରି.... । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

'ବନ୍ଦେ ମାତରଂ'ର ଲେଖକ

ବାଦଲ ଭୂୟାଁ

'ଦୁର୍ଗେଶନନ୍ଦିନୀ' ହେଉଛି ବାଙ୍ଗଲା ଭାଷାର ପ୍ରଥମ ଉପନ୍ୟାସ । ୧୮୬୫ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇଥିଲେ । ଏହାର ରଚୟିତା ହେଉଛନ୍ତି କବି, ଲେଖକ, ସାମ୍ବାଦିକ ତଥା ପ୍ରଶାସନିକ ଅଧିକାରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପଧ୍ୟାୟ । ସେ ପ୍ରଥମେ ଇଂଲିସ୍ ଭାଷାରେ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ । ଇଂରେଜୀରେ ରଚିତ ତାଙ୍କର ପ୍ରଥମ ଉପନ୍ୟାସ ହେଉଛି 'ରାଜମୋହନ୍‌ସ ୱାଇଫ୍' । ପରେ ସେ ଇଂରେଜୀରେ ସାହିତ୍ୟ ଲେଖିବା ବନ୍ଦ କରିଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦେଶପ୍ରେମରେ ଅନୁପ୍ରାଣୀତ କରିବା ନିମନ୍ତେ ସେ ବାଙ୍ଗଲା ଓ ସଂସ୍କୃତରେ 'ବନ୍ଦେ ମାତରଂ' କବିତା ରଚନା କରିଥିଲେ, ଯାହାକୁ ପରେ ଭାରତର ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା । ଉତ୍ତର ଚବିଶ ପ୍ରଗଣା ଅନ୍ତର୍ଗତ କଟ୍ଟଲପରା ନାମକ ଗ୍ରାମରେ ୨୭ ଜୁନ୍ ୧୮୩୮ରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବଙ୍କିମ ଜନ୍ମ ହୋଇଥିଲେ । ତାଙ୍କ ପିତା ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ବଙ୍କିମ ହୁଗଲୀ କଲେଜ ଓ ପ୍ରେସିଡେନ୍‌ସି କଲେଜରେ ଉଚ୍ଚ ଶିକ୍ଷା ଲାଭ କରି ବ୍ରିଟିଶ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେଇଥିଲେ । ବ୍ରିଟିଶ ସରକାରରେ ଚାକିରି କରିଥିଲେ ହେଁ ସେ ଥିଲେ ଦେଶପ୍ରେମୀ । ଚରିତ୍ରର ଏହି ଦିଗଟିର ପ୍ରଭାବ, ତାଙ୍କ ଲେଖାମାନଙ୍କରୁ ସ୍ପଷ୍ଟ ଅନୁଭବ କରିହୁଏ । ସେ ବ୍ରିଟିଶ ଶାସନ ବ୍ୟବସ୍ଥାର ସମାଲୋଚକ ଥିଲେ । ତାଙ୍କ ବ୍ୟଙ୍ଗ ବିଦ୍ରୁପ୍ ଭରା ସମାଲୋଚନାକୁ ବ୍ରିଟିଶମାନେ ବୁଝିପାରୁ ନଥିଲେ । ଥରେ ରାମକୃଷ୍ଣ ପରମହଂସ ତାଙ୍କୁ ପଚାରିଲେ 'କଣ ପାଇ ତୁମେ ବଙ୍କା ?' ବଙ୍କିମ ଉତ୍ତର ଦେଇଥିଲେ, 'ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା ।' ଉଲ୍ଲେଖଯୋଗ୍ୟ ଯେ, ବଙ୍କିମ ର ଅର୍ଥ ଟିକିଏ ବଙ୍କା । ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକ ମଧ୍ୟରେ କପାଳକୁଣ୍ଡଳା, ବିଷ୍ଣୁବୃକ୍ଷ, ଆନନ୍ଦ ମଠ, ମୃଣାଳିନୀ, ଦେବୀ, ଚୌଧୁରିଆଣୀ, କୃଷ୍ଣକାନ୍ତେର ଉଇଲ୍, କମଳାକାନ୍ତ ଆଦି ଅନ୍ୟତମ । ଭାରତମାତାଙ୍କୁ ଉତ୍ସର୍ଗିତ 'ବନ୍ଦେ ମାତରଂ' ଗୀତଟି ଆନନ୍ଦ ମଠରେ ସ୍ଥାନିତ । ସୀତାରାମ ହେଉଛି ବଙ୍କିମଙ୍କର ଶେଷ ଉପନ୍ୟାସ । ୧୮୯୪ ଏପ୍ରିଲ ୮ ତାରିଖରେ ମାତ୍ର ପଞ୍ଚାବନ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମି',
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

ସମୟ କଣ ନକରେ ?

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରଧାନ ମନ୍ତ୍ରୀଙ୍କ ଅଣନାତି, ପୁଣି ନାତି, ତାପରେ ପୁଅ, ଏମିତି ଏକ ବ୍ୟକ୍ତିଙ୍କର ସ୍ଥିତି ଏମିତି ଭୋଗ ହୋଇପାରେ କେହି ଭାବି ପାରିବେ ନାହିଁ । ସେ ଭୋଗୁଛନ୍ତି । ଏହା ତାଙ୍କର ଅଦୃଷ୍ଟ ଏହା ନିୟତିର ଖେଳ । ଏହାଙ୍କର ଭାଗ୍ୟ ଲିପି କପାଳ ଲିଖନ । ଶ୍ରୀ ରାହୁଲ ଗାନ୍ଧୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଝିଅର ପୁଅ, ଇନ୍ଦିରାଗାନ୍ଧିଙ୍କ ନାତି, ରାଜୀବ ଗାନ୍ଧୀଙ୍କ ପୁଅ କେତେ ଥାଟବାଟରେ ସେ ପିଲା କାଳରୁ ସେ ରହି ଆସି ନାହାଁନ୍ତି । ସେ ପୁରୁଷ ପୁରୁଷମାନେ ଆଇନ ପ୍ରଣୟନ କରିଛନ୍ତି ରାଜ କରି ରାଜା ସୃଷ୍ଟି କରିଛନ୍ତି । ତେବେ ଜନତାଙ୍କ ରାୟରେ ପଦକୁ ଆସିଛନ୍ତି ବର୍ତ୍ତମାନ ନେତାଙ୍କ ପରି ହେଲେ ବଂଶାନୁକ୍ରମିକ ରାଜନୀତି ସ୍ତରରେ ସେ ରହିଛନ୍ତି ଏଡି ନାରା ବର୍ତ୍ତମାନ ଖୁବ ଜୋରଦାର ।

କେହି ଶୂନ୍ୟରୁ ଜନ୍ମ ବା ସ୍ୱୟମ୍ଭୁ ନୁହଁନ୍ତି । ତାଙ୍କୁ ଏ ମାଟିକୁ ମାତୃଗର୍ଭ ଆଶ୍ରା କରି ଜନ୍ମ ନେବାକୁ ହେବ । ରାହୁଲ ଗାନ୍ଧୀ ଏମିତି ଜନ୍ମ ତାଙ୍କ ମାଆ ଜଣେ ଇଟାଲିଅ ମହିଳା ହେଲେ ବି ଭାରତ ବର୍ଷର ସ୍ଥାୟୀ ନାଗରିକ ତାଙ୍କ ଗର୍ଭରୁ ୧୯/୦୬/୧୯୭୦ ପ୍ରାତଃ ଘଣ୍ଟ/୫୮ ମିନିଟରେ ଦିଲ୍ଲୀ ନଗରୀରେ ଜନ୍ମ ଏହାକୁ ଚନ୍ଦ୍ରମାନରେ ଧରିଲେ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଶୁକ୍ରବାର ଶୁଭ ଯୋଗ, ମାତ୍ର ବିଷ୍ଟଭଦ୍ରା କରଣ ଶୁକ୍ରର ହୋରା ଶୁକ୍ରର ଦ୍ରୋକଣ । ଜନ୍ମେଷ୍ଟ ଦ୧/୨୬/୨୪ ବିଲିତା, ଏହି ବିଷ୍ଟଭଦ୍ରାର ସ୍ଥିତି, ମର୍ତ୍ତ୍ୟଲୋକ ଭୋକ୍ତା ନଥିଲା । ସୂର୍ଯ୍ୟଲୋକ ଭଦ୍ରା ଯାହା ଉର୍ଦ୍ଧ୍ୱମୁଖି ଭଦ୍ରା । ଏହି ସମୟ ଅନୁସାରେ ଲାହିଡ଼ୀ ଅୟନାଂଶକୁ ଗଣନାରେ ନେଇ କୁଣ୍ଡଳୀ ପ୍ରସ୍ତୁତ କଲେ ସ୍ଥୁଳ କୁଣ୍ଡଳୀ ଏହିପରି ସ୍ଥୁଳ ଜାତକ ଏକ ପ୍ରାଥମିକ ଜ୍ୟୋତିଷ ବିଚାର ସ୍ତରର ଧରାଯାଏ ହେଲେ ଏଥିରୁ ବି ଅନେକ ତଥ୍ୟ ମିଳିଥାଏ । ଅଗ୍ନୀ ସ୍ଥାନ ଜ୍ୟୋତିଷରେ ଲଗ୍ନ ୧ମ କାରଣ ଦୁନିଆଁର ପ୍ରଥମ ନିଆଁ ଅନ୍ତୁଡି ଶାଳରେ ହିଁ ଜନ୍ମ ବେଳେ ଲାଗିଥାଏ । ଶେଷ ନିଆଁ ମୃତ୍ୟୁପରେ ଶ୍ମଶାନରେ ଲାଗେ । ଲଗ୍ନ ଅର୍ଥ ଜନ୍ମସ୍ଥାନ ସମ୍ବନ୍ଧ ସ୍ଥାନ ଯାହା ଆଦ୍ୟ । ଅଗ୍ନୀ ଗ୍ରହ ଏମିତି ଅଛନ୍ତି, ସେମାନେ ରବି, ମଙ୍ଗଳ, କେତୁ, ଅଗ୍ନୀ ରାଶି ଅଛି ମେଷ, ସିଂହ, ଧନୁ । ଏ ଜାତକରେ ଲଗ୍ନ ଅଗ୍ନୀ ସ୍ଥାନରେ ଅଗ୍ନି ଜ୍ୟୋତନ ଗ୍ରହ ଅଛନ୍ତି । ଯେ ପଛର ୩ୟ ରାଶିପତି ମଙ୍ଗଳ ଆଗର ୩ୟ ରାଶିପତି ରବି, ୩ୟୁ ଦଳ ପୌରୁଷ ତେଜ ବିଚାର୍ଯ୍ୟ ଯେ ସର୍ବଦା ଭାଇ ନୁହଁ ଭାୟାଙ୍କୁ ସାଥିରେ ନେଇ ସର୍ବଦା ରହିବେ । ସକାଳୁ ଜନ୍ମ ଯୋଗୁ ରବି ଉଦୟ ପରର ସୂର୍ଯ୍ୟ ମାତୟ ଦ୨ଣ୍ଡ ମଧ୍ୟରେ ୧୩ରୁ ୧୭ ଦଣ୍ଡ ମଧ୍ୟାହ୍ନର ସୂର୍ଯ୍ୟ ହୋଇଥାନ୍ତି । ମଧ୍ୟାହ୍ନ ସୂର୍ଯ୍ୟ ତୀକ୍ଷ୍ଣ କିରଣ ଦିଅନ୍ତି ଏ ପାଇଁ ଜ୍ୟୋତିଷରେ ୧୦ମ ଭାବରେ ସେ ଦିଗବଳୀ । ମଙ୍ଗଳ ଦକ୍ଷିଣ ଦିଗପତି ସେ ଦକ୍ଷିଣ ଦିଗ କହିଲେ ସର୍ବୋଚ୍ଚ ମକର ରାଶି ଯାହା ୧୦ମ ରାଶିରେ ଉଚ୍ଚସ୍ଥାନ ଗତ ହୁଅନ୍ତି ଓ ୧୦ମ ଭାବରେ ଦିଗବଳୀ ହୁଅନ୍ତି ତଥାପି ଦକ୍ଷିଣ ଦିଗକ ବଳୀ ଗ୍ରହ ତାଙ୍କର ଲଗ୍ନରୁ ନହେଲେ ବି ୪ର୍ଥ ଭାବରୁ ଧରିଲେ ୪ର୍ଥରୁ ୧୦ମରେ ଏମାନେ ଅଛନ୍ତି ।

ରବି ମଙ୍ଗଳ ଉଗ୍ର ଗ୍ରହ ବ୍ୟକ୍ତିଙ୍କୁ ନିର୍ଭୀକ ଓ ଉଚ୍ଚବୋଲା କରାଉଛି । ଶିବ ଠାକୁର ନିର୍ଭୀକ ଅଗ୍ନୀ ଲୋଚନଧାରୀ, ଗଳାରେ ମହାବିଷ କାଳକୂଟ ସେ ବିଷଜ୍ୱାଳାରେ ଜର୍ଜରିତ ଏଣେ ଗଳାରେ ସର୍ପ, ସ୍ଥାପନ ଓଜଙ୍ଗ ବିଷୟରେ ସେ ଛଟପଟ ହେବା କଥା ମାତ୍ର ମୁଣ୍ଡରେ ଗଙ୍ଗାବାସକୁ ଚନ୍ଦ୍ରବାସ ସେଥିପାଇଁ ସେ ସର୍ବମାନ୍ୟ ମହାଦେବ ଔଢ଼ରଦାନୀ, ଗୁରୁଙ୍କର ଗୁରୁ । ଏହି ଜାତକରେ ଏମିତି ଉଗ୍ର ଗ୍ରହ ୧୧ଶ ପତି ମଙ୍ଗଳ ଲଗ୍ନରେ ରହି ତାଙ୍କୁ ମୂଲ୍ୟବାନ ବ୍ୟକ୍ତି କରାଉଛି ଏଣେ ୩ୟ ପତି ୩ୟ କାରକ (ରବି, ମଙ୍ଗଳ) ତାଙ୍କୁ ପୋଲିସ ନିରାପତ୍ତା ରଖି ଓ କର୍ମୀ ସର୍ବଦା ଘେରି ରଖୁଛନ୍ତି ମାତ୍ର ଉଗ୍ରତା କମ ପାଇଁ ଲଗ୍ନ ରବି, ମଙ୍ଗଳଙ୍କୁ ପଛରେ ବୁଧ ଆଗରେ ଶୁକ୍ର ଘେରି ରଖିଛନ୍ତି । ଏମାନେ ସୌମ୍ୟ ଶାନ୍ତ ଗ୍ରହ ଯୋଗୁଁ ତାଙ୍କର କଥାକୁ ଭିନ୍ନ ମାର୍ଗରେ ସର୍ବା ନେଇ କ୍ଷମା ଲୋକେ କରିଦିଅନ୍ତି । ଲଗ୍ନପତି ଏକ ଗରମ ଗ୍ରହ ଯେ ବୁଧ ସେ ବାଣୀର କାରକ ୨ୟରୁ ବାଣୀ ବି ବିଚାର କରାଯାଏ । ୧୨ଶ ପତି ଶୁକ୍ର ମିତ୍ରଗୃହୀ ପୁଣି ଅଧିମିତ୍ର ଗୃହୀ ହୋଇ ବି ସ୍ଖଳିତ ବାକ୍ୟ କରାଉଛି ମାତ୍ର ସୌମ୍ୟ ଗ୍ରହ ଯୋଗୁ କାମକୁ ଚଳେଇ ନିଆଯାଉଛି । ଗଣତନ୍ତ୍ର ୪ର୍ଥ ସ୍ତମ୍ଭ ସମ୍ବାଦ ପତ୍ର ମେଡ଼ିଆ ଯେ ଏବେ ସ୍ୱ ଜୀବିକା ପାଇଁ ଧନୀ, ରାଜଶକ୍ତିର ବାହୁକୁ ଆଶ୍ରା କରୁଛନ୍ତି । ପୁଣି ରାଜଭୟ ଏମାନେ ମୁକ୍ତ ନୁହଁନ୍ତି । ତେଣୁ ସତ୍ୟ ଉଦଗାର ପାଇଁ କଥାର ଦ୍ୱିଅର୍ଥ ବା ଅତି ସଂକ୍ଷିପ୍ତ ଭାଷାରେ ଜଟିଳ ଖବରକୁ ବୟାନରେ ରଖନ୍ତି । ରାଜ ବିରୋଧ ଲୋକଙ୍କ ପ୍ରକୃତ ଖବରକୁ ବେଳେ ବେଳେ ଅପଳାପ କରି ଦେଉଛନ୍ତି । ଫଳରେ 'ଖମ୍ବ' ହଲଚଲ ହେଲେ ଘର କେବେ ରହିନପାରେ । ବ୍ୟକ୍ତି ଆସନ୍ତି ଯାଆନ୍ତି ଅନୁଷ୍ଠାନ କି ରହିଥାଏ । ଅନୁଷ୍ଠାନ ବଞ୍ଚିବା ପାଇଁ ଦୀର୍ଘ ଉଦ୍ୟମ ସତ୍ୟ ଚେଷ୍ଟା ନିହାତି ଆବଶ୍ୟକ ।

ରାହୁଲ ବାବୁଙ୍କର ମେଡ଼ିଆ ସହିତ ଏ ସମୟରେ ଭଲ ପତୁନାହିଁ ହୁ କରି ସ୍ଖଳିତ ବାକ ତାଙ୍କୁ ସମାଲୋଚନାକୁ ନେଇ ଯାଉଛି । ଏକ ଗ୍ରହରୁ ୭ମରେ ଏକ ଏକାଧିକ ଗ୍ରହରୁ ୭ମରେ ପୁଣି ଏକାଧିକ ଗ୍ରହ ରହିଲେ ଲୋକଙ୍କର ବହୁ ଶତୃତା ବିରୁଦ୍ଧ ହୁଏ ଏମିତିକି ରାଜଦଣ୍ଡ ବା କାହାରି ବନ୍ଧନରେ ଛପି ରହିବା ହୁଏ । ତାଙ୍କ ଜାତକରେ ଶନି ତା ୭ମରେ ବୃହସ୍ପତି, ରାହୁ ସପ୍ତମରେ ସଦା କେତୁ ରହନ୍ତି । ଏଥିରେ ବି

ଧାନ ଫସଲର କୀଟ ପରିଚାଳନା

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

ଚକଡା ପୋକ- ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚେତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍କ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଡଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତ୍ର ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତ୍ରର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

ଭୁବନାନନ୍ଦ ଅଧିକାରୀ
କୀଟ ଟିଏ କଥା ଟିଏ - ୪

ଜୀବନ ଚକ୍ର :

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

କ୍ଷତି :

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ପ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

ନିୟନ୍ତ୍ରଣ :

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ଷୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତ୍ର ବସାଇ (୫ ଏକରକୁ ୧ଟି ଯନ୍ତ୍ର ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।

ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।

ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

ପରଭୋଜୀ କୀଟ :

ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

ବୁଢ଼ିଆଣୀ :

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

ସିରଫିଡ଼ ମାଛି :

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୁକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

କ୍ରାଇସୋପେର୍ଲା :

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

ଶିକାରୀ ଝିଣ୍ଟିକା :

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେ

ମୋ ଓଡ଼ିଶା

—ଖାଦ୍ୟ ଖଳନାୟକ—

ଭାତ ଆପଣଙ୍କୁ ମୋଟା କରି ଦେବ। କୋଲେଷ୍ଟେରଲ ସ୍ତର ବୃଦ୍ଧି କରିଦେବ। ଭାତକୁ ଡାଏଟ୍ ଭିଲିଆନ ବା ଖାଦ୍ୟର ଖଳନାୟକ କହିବା ପଛରେ ବହୁ ତଥ୍ୟ ଲୁଚିଛି। ଏ ସମ୍ବନ୍ଧରେ ଗବେଷଣା ଆହୁରି ଆଗକୁ ବଢୁଛି ଯାହାର ଶେଷ ବି ନାହିଁ। ତଥାପି ଭାତକୁ ଛାଡ଼ି ବଞ୍ଚିବା କଷ୍ଟକର। ଯୁଗ ଯୁଗ ଧରି ଭାରତ ତଥା ଏସିଆରେ ଏହା ପ୍ରଧାନ ଖାଦ୍ୟ ଭାବେ ରହିଆସିଛି। ଭାତକୁ ଏହି ଅଞ୍ଚଳର ୭୦ଭାଗ ବ୍ୟକ୍ତି ଦୈନିକ ଖାଇଥାନ୍ତି। କେବଳ ଭାତ ନୁହେଁ, ଚାଉଳରୁ ପ୍ରସ୍ତୁତ ଅନ୍ୟ ଖାଦ୍ୟରୁ ବି ଶକ୍ତି ମିଳିଥାଏ। କିନ୍ତୁ ଅଭ୍ୟାସ କ୍ରମେ ଓ ଅନ୍ୟ ବିକଳ୍ପ ନଥାଇ ଏହାକୁ ଲୋକେ ଖାଇବା ଦ୍ୱାରା ଏବେ ଜୀବନଶୈଳୀଗତ ରୋଗ ମଧୁମେହ ଓ ଆବେଗ ବୃଦ୍ଧି ପାଉଛି। ଭାତ ଯାହା ଆମକୁ ଯୁଗ ଯୁଗ ଧରି ଜୀବନ ଦେଇଛି - ତାକୁ କିପରି ଆମେ ଡାଏଟ୍ ଭିଲିଆନ ବୋଲି କହିପାରିବା। ଏଥିରୁ ସବୁଠୁ ବେଶୀ ପୋଷକ ତତ୍ତ୍ୱ ରହିଛି। କିନ୍ତୁ ଯେତେବେଳେ ଏହାକୁ ପ୍ରୋସେସିଂ କରାଯାଉଛି ସେଥିରୁ ତନ୍ତୁ, ପ୍ଲାଣ୍ଟ ପ୍ରୋଟିନ, ଅତିଦରକାରୀ ଫ୍ୟାଟି ଏସିଡ଼, ଭିଟାମିନ ଓ ମିନେରାଲ୍ସ ନଷ୍ଟ ହୋଇଯାଏ। ଏହା ହିଁ ଚିନ୍ତାର କାରଣ। ଏହାକୁ ଫାଇନ ଓ ପଲିସ କରି ପ୍ୟାକେଟରେ ରଖାଯାଇ ବିକ୍ରି କରାଯିବା ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପ୍ରୋଟିନ ଓ ପୋଷକ ତତ୍ତ୍ୱ ମିଳିପାରୁନି। ଆମକୁ ଏହି ସଙ୍କଟରୁ ଦୂରେଇ ରହିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଚୟନ ସଠିକ ହେବା ଆବଶ୍ୟକ : ସୁପର ମାର୍କେଟକୁ ପଶିଯିବା କ୍ଷଣି ଥାକ ଥାକ ହୋଇ ଥୁଆହୋଇଥାଏ ବ୍ରାଉନ୍ ରାଇସ, ରେଡ଼ ରାଇସ, ଲଙ୍ଗ ଗ୍ରେନ୍, ବ୍ରୋକନ୍ ଗ୍ରେନ ଏମିତି ଅନେକ। ଏମିତିକା ଚାଉଳ ବାଛିବା ପୂର୍ବରୁ ସହଜରେ ଯାହା ହଜମ ହୋଇପାରିବ ତାହା ପସନ୍ଦ କରନ୍ତୁ। ବେଳେବେଳେ ପ୍ରୋସେସିଙ୍ଗରେ ଏଥିରେ ଅତ୍ୟଧିକ ମାତ୍ରାରେ ଭିଟାମିନ୍ ଓ ମିନେରାଲ୍ସ ଭରି ଦିଆଯାଇଥାଏ। ଏଭଳି ରାଇସ୍ ଓଜନ ବୃଦ୍ଧି କରାଇଥାଏ। ନ୍ୟୁଟ୍ରିସନ ସ୍ତର ଯଦି ବିଚାରକୁ ନିଆଯାଏ, ତେବେ ହ୍ୱାଇଟ ରାଇସ୍ ବା ଧଳା ଚାଉଳ ଠାରୁ ବ୍ରାଉନ୍ ରାଇସ ବା ମାଟିଆ ଚାଉଳ ଭଲ। ଏଥିରେ ହଜମକ୍ରିୟାରେ ସହାୟକ ହେବା ଭଳି ତନ୍ତୁ ଭିଟାମିନ, ମିନେରାଲ୍ସ ତଥା ଉପକାରୀ ଫାଇଟୋ ନ୍ୟୁଟ୍ରିସ ରହିଛି। ଯଦି ଆପଣ ମାଟିଆ, ନାଲି ତଥା ପଲିସ୍ ନହୋଇଥିବା ଚାଉଳର ଭାତ ଖାଆନ୍ତି, ତେବେ ରୁଟିରୁ ଯାହା ଶକ୍ତି, ପ୍ରୋଟିନ୍ ଓ ଭିଟାମିନ ପାଉ ସେହି ପରିମାଣରେ ପାଇପାରିବା। ବ୍ରାଉନ ରାଇସ କୋଲେଷ୍ଟେରଲ ହ୍ରାସ କରିବାରେ ମୁଖ୍ୟ ଭୂମିକା ନିଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ। ଏଣୁ ଯଦି ଆପଣ ପ୍ରତ୍ୟେକ ଦିନ ଭାତ ଖାଉଛନ୍ତି ତେବେ ପଲିସ ହୋଇନଥିବା ଚାଉଳ ବାଛନ୍ତୁ। ଏହା ବାଦ ବ୍ରାଉନ୍ ରାଇସ ବଦଳରେ ମଣିପୁରୀ ବ୍ଲାକ ରାଇସ ବି ବାଛନ୍ତୁ ଯେଉଁଥିରେ ଜିଙ୍କ୍, କପର ଏବଂ କ୍ୟାରୋଟିନ ପାଇପାରିବେ। ରେଡ଼ ରାଇସ୍‌ରେ ବେଶୀ ଷ୍ଟାର୍ଚ୍ଚ ରହିଥାଏ। ଏଣୁ ଯଦି ସମସ୍ତ ପ୍ରକାର ରାଇସର କ୍ୱାଲିଟି ଦେଖାଯାଏ ତେବେ ସବୁଠୁ ଆଗରେ ରହିବ ବ୍ରାଉନ ରାଇସ। ଏଥିରେ ମାଗ୍ନେସିୟମ ଓ ସେଲେନିୟମ ରହିଛି। ବଜାରରେ ବିଭିନ୍ନ ପ୍ରକାର ବ୍ରାଣ୍ଡର ବ୍ରାଉନ୍ ରାଇସ ଉପଲବ୍ଧ। କିନ୍ତୁ କିଣିବା ପୂର୍ବରୁ ଏଥିପ୍ରତି ସାବଧାନ ହେବାକୁ ପଡ଼ିବ। କାରଣ ବହୁ, କ୍ଷେତ୍ରରେ ଏହାକୁ ରଙ୍ଗ କରାଯାଉଥିବାର ଦେଖାଯାଉଛି। ଅଲଟ୍ରା ପ୍ରୋସେସିଂ ଦାୟୀ: ଭାତ ଖାଇ ଡାଇବେଟିସ୍‌ରେ ପଡୁଛନ୍ତି ବହୁ ବ୍ୟକ୍ତି। ଏଥିରେ ଭାତ ବା ଚାଉଳର ଦୋଷ ନୁହେଁ। ଆପଣ କେଉଁ ପ୍ରକାରର ଚାଉଳ ବ୍ୟବହାର କରୁଛନ୍ତି ତାହା ହିଁ କାରଣ। ବଜାରରେ ଏମିତିକା ପଲିସ ହୋଇଥିବା ଚାଉଳ ମିଳୁଛି ଯେଉଁଥିରେ ପ୍ରୋଟିନ୍ ଭାଗ କମ୍। ତାହା ହଜମ ହାର ବୃଦ୍ଧି କରି ବୁଡ଼ସୁଗାର ବଢ଼ିବାର କାରଣ ହେଉଛି। ଡାୟାବେଟୋଲୋଜିଷ୍ଟ କହନ୍ତି ଯେ ପଲିସ ହୋଇଥିବା ଚାଉଳରେ ତନ୍ତୁ କମିଯାଏ ଓ କାର୍ବୋହାଇଡ୍ରେଟ ବୃଦ୍ଧି ପାଏ। ଚାଉଳକୁ ବାରମ୍ବାର ପଲିସ କରିବା ଦ୍ୱାରା ପ୍ରୋଟିନ୍, ଫ୍ୟାଟ, ମିନେରାଲ, ପଲିଫେନୋସିଡ଼, ଭିଟାମିନ-ଇ ସ୍ତର କମିଯାଏ। ଫଳରେ ସ୍ୱାସ୍ଥ୍ୟପ୍ରଦ ତତ୍ତ୍ୱ ନଷ୍ଟ ହୋଇ ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ। ଏଣୁ ଯେତେବେଳେ ବଜାରରୁ ପଲିସ ହୋଇଥିବା ଚାଉଳ କିଣୁଛନ୍ତି ସେତେବେଳେ ବେଶୀଥର ପଲିସ ହୋଇନଥିବା ଚାଉଳ ବାଛନ୍ତୁ। କିନ୍ତୁ ଏହା ଏବେ ଜାଣିବା କଷ୍ଟକର ଯାହା କ୍ରେତାଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏକ କପ୍ ଚାଉଳରୁ ମିଳେ : ୨୦୪ କ୍ୟାଲୋରୀ, ୪୫ ଗ୍ରାମ କାର୍ବୋ ହାଇଡ୍ରେଟ୍, ୨ ପ୍ରତିଶତ ପଟାସିୟମ, ୮ ପ୍ରତିଶତ ପ୍ରୋଟିନ, ୨ ପ୍ରତିଶତ କ୍ୟାଲସିୟମ। ଏହା ସତ୍ୟ : ହ୍ୱାଇଟ ରାଇସ ଡାଇବେଟିସ କରେ ବୋଲି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ। ଭାରତରେ କରାଯାଉଥିବା ଗବେଷଣାରେ ବି ଏହା ଜଣାପଡ଼ିଛି। ଭାତ ଖାଇବା ଦ୍ୱାରା କୋଲେଷ୍ଟେରୋଲ ସ୍ତର ବୃଦ୍ଧି ହୁଏନି। କିନ୍ତୁ ଏହା ସହ ବେଶୀ ଲୁଣ ନଖାଇବା ଉପରେ ଯେଉଁମାନେ ଧ୍ୟାନ ଦିଅନ୍ତି ସେମାନେ ବେଶୀ ଲାଭ ପାଆନ୍ତି। ଭାତ ଖାଇଲେ ମୋଟା ହେବେନି। ବରଂ ଏହା ସହଜରେ ହଜମ ହୁଏ। ୱେଟଲସ୍ ପାଇଁ ଯେଉଁମାନେ ରହିଛନ୍ତି ସେମାନେ ଏଥିପ୍ରତି ଧ୍ୟାନ ଦେବା ଦରକାର। କାରଣ, ସେମାନେ ଭାତ ଖାଇବା ଛାଡ଼ି ଦେଇଥାନ୍ତି। ଭାତ ଖାଇଲେ ପ୍ରଚୁର ଶକ୍ତି ମିଳେ। ବିକଳ୍ପ : ରାଇସ ବ୍ରାନ ଅଏଲ : କମ୍ପାନୀଗୁଡ଼ିକ ଧାନରୁ କୁଣ୍ଡା ବାହାର କରି ପଲିସ କରି ସେଥିରୁ ନ୍ୟୁଟ୍ରିଏଣ୍ଟ ସ୍ତର ହ୍ରାସ କରୁଥିଲେ ବି ଏବେ କୁଣ୍ଡାରୁ ତେଲ ରାଇସବ୍ରାନ ଅଏଲ ପ୍ରସ୍ତୁତ କରୁଛନ୍ତି ଯାହା ସ୍ୱାସ୍ଥ୍ୟପ୍ରଦ। କାରଣ ଏଥିରେ ରହିଛି- ଥ୍ରିଅକ୍ସିଡ୍ୟାଣ୍ଟ। ମନୋସାଚୁରେଟେଡ ଫ୍ୟାଟ - ମୋଟାପା କମାଏ, କୋଲେଷ୍ଟରୋଲ ହ୍ରାସ କରେ। ସ୍କେଲୋସିସ ପ୍ରଥମାବସ୍ଥାରେ ଉପଶମ କରେ ଓ ହୃଦରୋଗକୁ ଲାଭପ୍ରଦ। ରକ୍ତ ଚାପ ହ୍ରାସ କରେ। ଓରିଜାନୋଲ ଯାହା ଦେହ ପାଇଁ ଉପକାରୀ। ଫାଇଟୋଷ୍ଟିରୋଲ କୋଲେଷ୍ଟେରୋଲ ଯାହା କ୍ୟାନ୍‌ସର ବିରୋଧରେ ଲଢ଼େ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,ଦୂରଭାଷ : ୯୪୩୭୦୫୧୯୫୭

ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅନୁଷ୍ଠିତ

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗଣକବି ଏକାଧାରରେ ଜଣେ ଲେଖକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜ ସଂସ୍କାରକ ଥିଲେ। ତାଙ୍କ ଗୀତିନାଟ୍ୟର ପ୍ରଭାବ ଏବେ ସୁଦ୍ଧା ଜନମାନସରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଗଣକବିଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ତାଙ୍କର ଜାତିପ୍ରଥାରେ ବିଶ୍ୱାସ ନଥିଲା ବୋଲି କହିଥିଲେ। ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ଉପସଭାପତି ବଟକୃଷ୍ଣ ପରିଡ଼ା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ବ୍ରଜକିଶୋର ଦାଶ, ସୁନାକର ସହୁ, ଗବେଷିକା ସସ୍ମିତା ଦାଶ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ ପ୍ରମୁଖ ଗଣକବିଙ୍କ ସାହିତ୍ୟକୃତି ସଂପର୍କରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ। ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଅବୈଧ ଗର୍ଭପାତ: ଉଦ୍‌ବେଗଜନକ ମାତୃ ମୃତ୍ୟୁହାର

ଗର୍ଭପାତ କରିବାର ସମୟ ସୀମାକୁ ୨୦ ସପ୍ତାହ ପରିବର୍ତ୍ତେ ୨୪ ସପ୍ତାହକୁ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍‌ନାନ୍‌ସି ଆମେଣ୍ଡମେଣ୍ଟ ବିଲ୍ - ୨୦୨୦କୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି। ପୂର୍ବରୁ ଥିବା ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍‌ନାନ୍‌ସି ଆକ୍ଟ-୧୯୭୧ ଆଇନ ଅନୁସାରେ ଗର୍ଭପାତର ସମୟ ସୀମା ୨୦ ସପ୍ତାହ ଥିଲା। ସମଗ୍ର ଭାରତ ବର୍ଷର ମାତୃମୃତ୍ୟୁ ହାରକୁ ଅନୁଧ୍ୟାନ କଲେ ୮ପ୍ରତିଶତ କେବଳ ଗର୍ଭପାତ ଜନିତ କାରଣରୁ ହେଉଛି। ମାତୃ ମୃତ୍ୟୁହାରରେ ସମଗ୍ର ଭାରତ ବର୍ଷ ତୁଳନାରେ ଓଡ଼ିଶାର ସ୍ଥାନ ଚତୁର୍ଥ। ସୁରକ୍ଷିତ ଗର୍ଭପାତ ପ୍ରତ୍ୟେକ ମହିଳାଙ୍କର ଏକ ମାନବିକ ଅଧିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜ୍ୟା ଭୟ ଓ ଡାକ୍ତରଖାନା ସୁବିଧାର ସଚେତନତାର ଅଭାବରୁ କେତେକ ମହିଳା ଗର୍ଭପାତ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ମେଡ଼ିସିନ ଖାଉଥିବାରୁ ଓ କ୍ୱାକ୍ ମାନଙ୍କ ଦ୍ୱାରା ଗର୍ଭପାତ କରାଉଥିବାରୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭପାତ ପାଇଁ ନିର୍ଦ୍ଧାରିତ ଆଇନ କାର୍ଯ୍ୟକାରୀ କରାଯାଉନଥିବାରୁ ଅଧିକାଂଶ ମହିଳା ଅସୁରକ୍ଷିତ ଗର୍ଭପାତର ଶିକାର ହେଉଛନ୍ତି। ଭାରତରେ ଗର୍ଭପାତକୁ ଆଇନ ସମ୍ମତ କରିବା ପାଇଁ ୧୯୭୧ ମସିହାରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ଅଧିନିୟମ ଗୃହୀତ ହୋଇଥିଲା ଯଦିଓ ଏହି ଆଇନ ଗର୍ଭପାତକୁ ସମ୍ପୂର୍ଣ୍ଣ ମୁକ୍ତ କରିନାହିଁ ତଥାପି ଯେକୌଣସି ମହିଳା ନିଜ ଇଚ୍ଛାରେ ୨୦ସପ୍ତାହ ମଧ୍ୟରେ ଗର୍ଭପାତ ପଞ୍ଜୀକୃତ ସ୍ୱାସ୍ଥ୍ୟସେବା ସଂସ୍ଥାରେ କରାଇପାରିବେ। ଏଥିପାଇଁ ୧୯୭୧ ନିୟମାବଳୀର ନିୟମ-୫ରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ନିୟମ, ୧୯୭୧ ସ୍ୱାସ୍ଥ୍ୟସେବା ସଂସ୍ଥା ମାନଙ୍କୁ ପଞ୍ଜୀକୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଗର୍ଭପାତ ଆଇନକୁ ଅଧିକ କୋହଳ କରି ୨୦ସପ୍ତାହ ମଧ୍ୟରେ ଗର୍ଭପାତ କରିବା ପାଇଁ ବ୍ୟବସ୍ଥାକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏକ ବିଲ ରାଜ୍ୟସଭାରେ ସ୍ଥଗିତ ହୋଇ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ୨୦ସପ୍ତାହ ପରେ ଜଟିଳ ଗର୍ଭପାତ କରିବାକୁ ହେଲେ ଅଦାଲତର ଅନୁମତି ନେବାକୁ ପଡୁଅଛି। ଅନେକ ସମୟରେ ବିଳମ୍ବିତ ଓ ଜଟିଳ ନ୍ୟାୟ ପ୍ରକ୍ରିୟାରେ ତୁରନ୍ତ ଅଦାଲତରୁ ଅନୁମତି ପାଇବା କଷ୍ଟଦାୟକ ହୋଇଥାଏ। ସେହିପରି ଗର୍ଭନିରୋଧକ ପଦ୍ଧତି ବ୍ୟାପକ ଭାବେ ଉପଲବ୍ଧ କରାଯାଇ ଅନିଚ୍ଛାକୃତ ଗର୍ଭଧାରଣ ରୋକାଯାଇପାରିବ।

୧୯୭୧ ମସିହାରେ ସରକାରୀସ୍ତରରେ ପ୍ରଥମ କରି ଟର୍ମିନେସନ୍ ଅଫ୍ ପ୍ରେଗନାନ୍‌ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା। ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା। ସେହିପରି ସ୍ୱାସ୍ଥ୍ୟଗତ ଦିଗକୁ ଲକ୍ଷ୍ୟ କରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ଏହି ଏମ୍‌ଟିପି ନିୟମ ସହାୟତାରେ ମଧ୍ୟ ଗର୍ଭପାତ କରାଯାଉଥିଲା। ଯାହାଦ୍ୱାରା ଅସୁରକ୍ଷିତ ଗର୍ଭପାତ ଜନିତ ମାତୃମୃତ୍ୟୁହାରକୁ ହ୍ରାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦିଆଯାଉଥିଲା। ଏହା ବ୍ୟତୀତ କେତେକ ଦୁଃସ୍ଥିତିର ଶିକାର ହୋଇ ଧର୍ଷଣର ଭୟାବହତାକୁ ସାମ୍ନା କରିଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା। ଏହି ଦୁଇଟି ପ୍ରସଙ୍ଗ ଆମର ଆଜିର ସମାଜ ପାଇଁ ଏକ ଚିନ୍ତାଜନକ ଓ ଉଦ୍‌ବେଗଜନକ ପ୍ରସଙ୍ଗ। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର ଯୁଗରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି। ତେବେ ଏହି ସୂଚନା ପ୍ରଯୁକ୍ତିର ବାହାନା ଭିତରେ କେତେକ ଯୁବକଯୁବତୀ ସଠିକ୍ ଦିଗ୍‌ଦର୍ଶନ ନପାଇ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ଘଟଣା ରଖିଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ କ୍ଷେତ୍ରର ଏହା ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମାତୃତ୍ୱମାନେ ଚିର ଦିନ ପାଇଁ ମାଆ ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ଆଜି ବି ଅନେକ ଆଦିବାସୀ ମୂଳକରେ ଗୁଣୀଟୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆଟିର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହୋଇ ଗୁରୁତର ଭାବରେ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିଥିବା ସମୟକୁ ନେଡି ଗୁଡ଼ କହୁଣୀକୁ ବୋହିଗଲାପରି ସେମାନଙ୍କ ଜୀବନ ରକ୍ଷା କରିବା କାଠିକର ପାଠ ହୋଇଥାଏ। ଏହି କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ହେଉ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ହେଉ ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ।

ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକ ସଚେତନତା ହୋଇଥିଲେ ବି ତଥାପି ଅନେକ ମାନଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୁଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରେ ନବେ ଥିଲାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଆମ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ କନ୍ୟାଭ୍ରୁଣ ହତ୍ୟା ଜଣାନ୍ତରେ ହେଉ ବା ଲୁଚାଛପାରେ ହେଉଛି। କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶୀ। ୨୦୦୩ ମସିହାରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତତ୍‌ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ବିଶେଷଜ୍ଞ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ଼ର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୁଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାୟଗ୍ନୋଷ୍ଟିକ ଟେକନିକ୍ ଆଇନ ଆଜି ପର୍ଯ୍ୟନ୍ତ ସଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ। ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ। ଭାରତ ପରି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଓ ବିକାଶଶୀଳ ପ୍ରମୁଖ ରାଷ୍ଟ୍ର ମାନ୍ୟତା ପାଇଥିବା ଏହି ସର୍ବବୃହତ୍ତ ରାଷ୍ଟ୍ରରେ ବିଭିନ୍ନ ସମୟରେ ପରମ୍ପରା ଜନିତ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟାଭ୍ରୁଣ ହତ୍ୟାକୁ ପ୍ରୋତ୍ସାହିତ କରୁଛି। ଆଜି କୌଣସି କ୍ଷେତ୍ରରେ ଝିଅଟି ପୁଅ ଠାରୁ ବି କମ୍ ନୁହେଁ। କେତେକ କ୍ଷେତ୍ରରେ ଝିଅମାନେ ଘର ସଂସାର ନ କରି ନିଜର ବାପା ମାଆଙ୍କ ସେବା ପାଇଁ ନିଜର ସଂସାର କରୁନାହାଁନ୍ତି। କେତେକ କ୍ଷେତ୍ରରେ ଝ

ମୋ ସହର

ପନିକିରେ ବୃଦ୍ଧାଙ୍କୁ ଆକ୍ରମଣ କରି ଟଙ୍କା ଲୁଟିଥିବା ଯୁବକକୁ ପୋଲିସ ଗିରଫ କଲା : ଟଙ୍କା ଉଦ୍ଧାର, ଅସ୍ତ୍ର ଜବତ

ବଲାଙ୍ଗିର, (ପି.ଏନ): ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ତାଙ୍କର ସୁଟକେଶରୁ ୪୪,୭୦୦ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ। ସୁଟକେଶ ସହ ଲୁଟ ଟଙ୍କାକୁ ଉଦ୍ଧାର କରିଛି ଲାଠୋର ପୋଲିସ। ବୃଦ୍ଧାଙ୍କୁ ବେକକୁ ଯେଉଁ ପନିକିରେ ଦୁର୍ବୃତମାନେ ଆକ୍ରମଣ କରିଥିଲେ ତାକୁ ମଧ୍ୟ ପୋଲିସ ଜବତ କରିଛି। ଘଟଣାରେ ଅଭିଯୁକ୍ତ ଯୁଗଳ ଗାଲ (୨୮)କୁ ଭାରତୀୟ ଦଣ୍ଡ ବିଧି ଆଇନର ୪୫୨/ ୩୯୪ ଓ ୩୦୭ ଦଫାରେ ଗିରଫ କରି କେସ ନମ୍ବର ୮/୨୩ ରୁଜୁ କରାଯାଇ ଆଜି ତାକୁ କୋର୍ଟରେ ହାଜର କରାଯିବ ବୋଲି ଲାଠୋର ଆଇଆଇସି ଝାସକେତନ ଭୋଇ ପ୍ରକାଶ କରିଛନ୍ତି। ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଂଚାୟତ ଅନ୍ତର୍ଗତ ବର୍ତିଆ ଗ୍ରାମରେ ଗତକାଲି ଜଣେ ୫୫ ବର୍ଷୀୟା ବୃଦ୍ଧାଙ୍କୁ ପନିକିରେ ଆକ୍ରମଣ କରି ଜଣେ ଯୁବକ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଆକ୍ରମଣକାରୀ ବୃଦ୍ଧାଙ୍କ ଠାରୁ ଟଙ୍କା ଏବଂ ସୁନା ଗହଣା ଲୁଟ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳାଇ ଦେଇଛି ।ଖବରରୁ ଜଣାପଡିଛି ଯେ, ବର୍ତିଆ ଗ୍ରାମର କର୍ଣ୍ଣ ନାଗଙ୍କ ପତ୍ନୀ ରୁକ୍ମିଣୀ ନାଗ ବୁଧବାର ଘରେ ଥିବା ସମୟରେ ଗ୍ରାମର ଯୁଗଳ ଗାଲ ଘରକୁ ଆସି ରୁକ୍ମିଣୀଙ୍କୁ ୫ ହଜାର ଟଙ୍କା ଉଧାର ମାଗିଥିଲେ । ରୁକ୍ମିଣୀଙ୍କ ସହିତ ଯୁଗଳଙ୍କର ସୁସମ୍ପର୍କ ରହିଥିବାରୁ ରୁକ୍ମିଣୀ ତାଙ୍କୁ ସାଙ୍ଗେ ସାଙ୍ଗେ ୫ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ତାଙ୍କ ପାଖରେ ବହୁତ ଟଙ୍କା ଅଛି ବୋଲି ଯୁଗଳ ଜାଣିଥିଲା। କାରଣ ଯୁଗଳସେ ଗ୍ରାମରେ ଗ୍ରୁପ ଋଣ ଟଙ୍କା ସଂଗ୍ରହ ଦାୟିତ୍ୱରେ ଥିବାରୁ ସେ ଲୋଭରେ ପଡି ରୁକ୍ମଣୀ ଘରେ ପନିକିରେ ପରିବା କାଟୁଥିବା ବେଳେ ସେ ତାଙ୍କୁ ଆକ୍ରମଣ କରିବା ସହ ଟଙ୍କା ଲୁଟ କରି ସେ ସ୍ଥାନ ଛାଡି ପଳାଇ ଯାଇଥିଲେ । ଯୁଗଳ ହଠାତ୍ ରୁକ୍ମିଣୀଙ୍କ ଘରକୁ ଆସି ରୁକ୍ମଣୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଯୁଗଳ ରୁକ୍ମଣୀଙ୍କ ବେକକୁ ଅସ୍ତ୍ରରେ ଭୁଷି ଦେଇଥିବା ବେଳେ ରୁକ୍ମଣୀ ବଡ ପାଟିରେ ଚିତ୍କାର କରିଥିଲେ । ଏହି ସମୟରେ ଆକ୍ରମଣକାରୀ ଟଙ୍କା ଏବଂ ସୁନା ଗହଣା ରୁକ୍ମଣୀଙ୍କ ଠାରୁ ନେଇ ପଳାଇ ଯାଇଥିଲେ । ପରେ ଗ୍ରାମବାସୀ ଯୁବକଙ୍କୁ ଧରି ଲାଠୋର ପୋଲିସକୁ ଖବର ଦେଇଥିଲେ । ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ ବର୍ତିଆ ଗ୍ରାମରେ ପହଂଚି ଆକ୍ରମଣକାରୀ ଯୁଗଳକୁ ଧରି ଥାନାକୁ ନେଇଥିଲେ । ଅନ୍ୟପକ୍ଷରେ ଆହତ ରୁକ୍ମିଣୀଙ୍କୁ ଗ୍ରାମବାସୀ ପାଟଣାଗଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ ।ସୂଚନାଯୋଗ୍ୟ ଯେ, ରୁକ୍ମଣୀଙ୍କ ପୁଅ ଓ ବୋହୂ ଦାଦନ ଖଟିବାକୁ ଯାଇଥିବା ବେଳେ ସେମାନେ ପାଇଥିବା ଅଗ୍ରୀମ ଟଙ୍କା ସବୁ ରୁକ୍ମଣୀଙ୍କୁ ଦେଇ ଯାଇଛନ୍ତି । ରୁକ୍ମଣୀ ଏବଂ ତାଙ୍କ ସ୍ୱାମୀ କର୍ଣ୍ଣ ଘରେ ଏକୁଟିଆ ରହନ୍ତି । ରୁକ୍ମଣୀ ବାହାରକୁ ଗଲେ ଟଙ୍କା ଏବଂ ସୁନା ଗହଣା ଯୁଗଳ ପାଖରେ ରଖିଯାଆନ୍ତି ବୋଲି ମଧ୍ୟ ଖବର ମିଳିଛି । ଟଙ୍କା ଏବଂ ସୁନା ଗହଣା ପ୍ରତି ଯୁଗଳଙ୍କର ହଠାତ୍ ଲୋଭ ହେବାରୁ ସେ ରୁକ୍ମଣୀଙ୍କୁ ହତ୍ୟା କରିବା ସହିତ ଏହି ଟଙ୍କା ଏବଂ ସୁନା ଅଳଙ୍କାର ଲୁଟି ନେବା ପାଇଁ ଯୋଜନା କରିଥିଲା ବୋଲି ଚର୍ଚ୍ଚା ହେଉଛି । ଲାଠୋର ପୋଲିସ ଗ୍ରାମରେ ପହଂଚି ଆହତ ରୁକ୍ମିଣୀଙ୍କଠାରୁ ବୟାନ ରେକର୍ଡ କରିଛି । ଯୁଗଳ ତାଙ୍କଠାରୁ ନଗଦ ୪୨ ହଜାର ଟଙ୍କା ସହିତ ସୁନା ଗହଣା ଲୁଟ୍ କରି ନେଇଯାଇଥିବା ରୁକ୍ମଣୀ ପୋଲିସ ଆଗରେ ଅଭିଯୋଗ କରିଛନ୍ତି । ଲାଠୋର ପୋଲିସ ଯୁଗଳକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହିତ ଏହି ଘଟଣାର ଅଧିକ ତଦନ୍ତ ପରେ ଯୁଗଳ ପୋଲିସ ପାଖରେ ସବୁ ସତ ସ୍ୱୀକାର କରିବା ସହିତ ପୋଲିସକୁ ଲୁଚାଇ ରଖିଥିବା ଟଙ୍କା ଓ ଅସ୍ତ୍ର ଦେଖାଇଥିବା ଜଣାପଡିଛି ।

ଚିତ୍ରକୋଣ୍ଡା ଡ଼ିଏଭି ଗୁରୁକୁଳରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଡ଼ିଏଭି ଗୁରୁକୁଳ , ଗୁଡ଼ ମର୍ଣ୍ଣିଙ୍ଗ ପ୍ଲେ ସ୍କୁଲ ଓ ସାଇ ଡ୍ୟାନ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ର ସମ୍ପାଦକ ରାକେଶ ମହାରଣାଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଜ୍ୟୋତି ପ୍ରକାଶ ସେନାପତି,ସମ୍ମାନୀତ ଅତିଥିଭାବେ, ବିଦ୍ୟାଳୟର ସଭାପତି ବିଭୁତି ଭୂଷଣ ଖରା, ଚିତ୍ରକୋଣ୍ଡା ସରପଂଚ ହରି ମୋହନ ଖିଲ,ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ପ୍ରସାଦ କର ଯୋଗ ଦେଇଥିଲେ। ଅତିଥିମାନେ ଉଚ୍ଚ ଆଶା, ଉଚ୍ଚ ଶିକ୍ଷା, ଉନ୍ନତ ମାନର ଶିକ୍ଷା, ବିଭିନ୍ନ ପ୍ରକାର ଶିକ୍ଷା,ଇଂରାଜି ଶିକ୍ଷା, ଉତମ ଗୁରୁ ଗ୍ରହଣ କରି ନିଜ କ୍ୟାରିୟର ଗଠନ କରି ଭବିଷ୍ୟତ ରେ ଉଚ୍ଚ ଅଭିଳାଷ ସହ ଉଚ୍ଚ ପଦବୀ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିପ୍ରେରିତ କରିଥିଲେ ଏବଂ ସ୍ୱାଭିମାନ ଅଂଚଳର ଐତିହ୍ୟ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କୁ ସଂରକ୍ଷଣ କରିବା ସହ ନିଜର, ଭାଷା, ଭୂମି ଓ ଭିତିକୁ ସର୍ବଦା ମନେରଖିବା ପାଇଁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ପ୍ରଗତି ବିବରଣୀ ଶିକ୍ଷୟିତ୍ରୀ ରିତା ମହାରଣା ପାଠ କରିଥିଲେ ।

ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ମାମଲା

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ମାମଲାରେ କ୍ରାଇମବ୍ରାଂଚ ପକ୍ଷରୁ ତଦନ୍ତ ଜାରୀ ରହିଛି । ତଦନ୍ତର ଷଷ୍ଠ ଦିନରେ ଆଜି କ୍ରାଇମବ୍ରାଂଚ ଟିମ୍ ଜାଲ୍ ସାର୍ଟିଫିକେଟ ରାକେଟର ମୁଖ୍ୟ ତଥା ରିଲାଏନ୍ସ ଏଜୁକେସନାଲ କମ୍ପ୍ଲେକ୍ସର ମାଲିକ ମନୋଜ କୁମାର ମିଶ୍ରଙ୍କ ପତ୍ନୀ ଏବଂ ମନୋଜଙ୍କ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ପରିବାର ଲୋକଙ୍କୁ ବଲାଙ୍ଗିର ଟାଉନ୍ ଥାନାକୁ ଡକାଇ ଘଟଣା ବାବଦରେ ପଚରା ଉଚୁରା ଚଳାଇଛି । ଡିଏସପି ଡି.ଏସ. ଚକ୍‌ଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ଏକ ୫ ଜଣିଆ ଟିମ୍ ମାମଲାର ତଦନ୍ତ କରୁଥିବା ବେଳେ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ଅନ୍ୟ ଏକ ଟିମ୍ ଏହି ଟିମ୍ କୁ ତଦନ୍ତରେ ସହଯୋଗ କରିବା ପାଇଁ ଗତକାଲି ବଲାଙ୍ଗିରରେ ପହଂଚିଛି । ସେହିପରି କ୍ରାଇମବ୍ରାଂଚ ଆଇଜି ଅମିତେନ୍ଦ୍ର ସିହ୍ନା ଗତକାଲି ବଲାଙ୍ଗିରରେ ପହଂଚି ତଦନ୍ତ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ ।ଅନୁରୂପ ଭାବେ ଗତକାଲି କ୍ରାଇମବ୍ରାଂଚ ଟିମ୍ ବଲାଙ୍ଗିର ମୁଖ୍ୟ ଡ଼ାକଘରକୁ ଯାଇ ଅଧିକ୍ଷକଙ୍କ ସହିତ ଘଟଣା ସମ୍ପର୍କରେ ବିଶେଷ ଆଲୋଚନା କରିବା ସହ ଯେଉଁ ୩୮ ଜଣଙ୍କ ନାମରେ ନକଲି ସାର୍ଟିଫିକେଟ ନେଇ ଅଭିଯୋଗ ହୋଇଥିଲା ସେସବୁ ସାର୍ଟିଫିକେଟର ନକଲ ସଂଗ୍ରହ କରିଛି। ଏଥି ସହିତ ନିଯୁକ୍ତି ପାଇଁ ପ୍ରକାଶ ପାଇଥିବା ବିଜ୍ଞାପନ ଠାରୁ ଆରମ୍ଭ କରି ମେରିଟ୍ ଲିଷ୍ଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ତଥ୍ୟ ସଂଗ୍ରହ କରିଛି । ପ୍ରକାଶ ଥାଉକି, ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ମିଶ୍ର ଏବଂ ତା'ର ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା ବଲାଙ୍ଗିର ଟାଉନ ଥାନା ପୋଲିସ। ଚଢ଼ଉ ବେଳେ ସମ୍ପୃକ୍ତ ସଂସ୍ଥାରୁ ୧ ହଜାରରୁ ୫ ହଜାର ନକଲି ସାର୍ଟିଫିକେଟ ଜବତ ହୋଇଥିଲା। ଏଥିସହିତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଜାଲ୍ ସାର୍ଟିଫିକେଟ ରାକେଟ ସକ୍ରିୟ ଥିବା ଜଣାପଡିଥିଲା। ତେବେ ଏହି ଜାଲ୍ ସାର୍ଟିଫିକେଟ ରାକେଟର ଚେର କେତେ ଦୂର ଲମ୍ବିଛି ସେନେଇ ଛାନଭିନ୍ ଜାରୀ ରଖିଛି କ୍ରାଇମବ୍ରାଂଚ । ସମ୍ପୃକ୍ତ ଇନଷ୍ଟିଚ୍ୟୁଟରୁ ମିଳିଥିବା ଡାଏରୀରୁ ନିଯୁକ୍ତି ପାଇଥିବା ଅନେକଙ୍କ ନାମ, କିଏ କେଉଁଠି ଏବଂ କେଉଁ ବିଭାଗରେ ନିଯୁକ୍ତି ପାଇଛନ୍ତି, କିଏ କେତେ ଅର୍ଥ ଦେଇଛନ୍ତି, କାହା ମାର୍ଫତରେ ନକଲି ସାର୍ଟିଫିକେଟ ଦିଆଯାଇଛି ତାହା ଜଣାପଡିଛି, ଯାହାକି ଆଗକୁ କ୍ରାଇମବ୍ରାଂଚକୁ ତଦନ୍ତରେ ସହଯୋଗ କରିବ ।

ଭୁଷଙ୍ଗଗୁଡା ଗ୍ରାମ ପଂଚାୟତକୁ ସ୍ୱତନ୍ତ୍ର ଏକ ଲ୍ୟାମ୍ପ ପ୍ରଦାନ କରିବାକୁ ଚାଷୀଙ୍କ ଦାବି

ଜୟପୁର, (ପି.ଏନ): କୁନ୍ଦୁରା ବ୍ଲକର ଭୁଷଙ୍ଗଗୁଡା ଗ୍ରାମ ପଂଚାୟତ ରେ ଏକ ସ୍ୱତନ୍ତ୍ର ଲ୍ୟାମ୍ପ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏନେଇ ଆଜି ଜୟପୁର ଡି ଆରସି ଏସଙ୍କ ଅନୁପସ୍ଥିତିରେ ଏଆରସିଏସ ପ୍ରାଚିତା ଜେନାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ କୁନ୍ଦୁରା ବ୍ଲକର ଭୁଷଙ୍ଗଗୁଡା ଚାଷି ତଥା ଲ୍ୟାମ୍ପ ଋଣ ଗୃହିତା ଲେଖି ଜଣାଇବାର ଅଭିଯୋଗ ଯେ ଦୁଇଟି ପଂଚାୟତକୁ ନେଇ ଗୋଟିଏ ନୂଆ ଲ୍ୟାମ୍ପସ ଗଠନ ପକ୍ରିଆ ଆରମ୍ଭ ହୋଇଥିବା ଜଣାଯାଇଛି । ସ୍ଥାନୀୟ ଚାଷି ମାନଙ୍କ ସହ କିଛି ଆଲୋଚନା ନକରି ଭୁଷଙ୍ଗଗୁଡା ପଂଚାୟତକୁ ଡଙ୍ଗରପାଉଁଶି ପଂଚାୟତ ସହ ସଂଯୋଗ କରାଯାଇଛି । ଏହା ହେଲେ ଭୁଷଙ୍ଗଗୁଡା ଠାରୁ ଡଙ୍ଗରପାଉସି ୧୫ କିମି ଦୂରତା ଯାହାକି ଯାତାୟତ ବାବଦକୁ ୧ ହଜାର ଟଙ୍କାକୁ ପଡୁଛି । ଭୁଷଙ୍ଗଗୁଡା ଗ୍ରାମ ପଂଚାୟତ କୋଲାବ କେନାଲ ଦ୍ୱାରା ଜଳ ସେଚିତ ଦୁଇ ଫସଲ ଅଂଚଳ ହୋଇଥିବାରୁ ଏଠାରେ ଚାଷୀଙ୍କ ସଂଖ୍ୟା ଅଧିକ। ଏଠାକାର ଭୋଟର ସଂଖ୍ୟା ୫ ହଜାର। ଏଥି ପୁବରୁ ଭୁଷଙ୍ଗଗୁଡା ଗ୍ରାମ ପଂଚାୟତରେ ଗୋଟିଏ ଲ୍ୟାମ୍ପ କାର୍ଯ୍ୟକାରି ହୋଇ ପରିଚାଳିତ ହୋଉଥିଲା। ତେବେ କେଉଁ ଆଧାରରେ ଡଙ୍ଗରପାଉଁସି ସହ ମିଶାଗଲା । ଏଣୁ ଭୁଷଙ୍ଗଗୁଡା ଗ୍ରାମ ପଂଚାୟତକୁ ସ୍ୱତନ୍ତ୍ର ଏକ ଲ୍ୟାମ୍ପ ପ୍ରଦାନ କରାଯାଉ । ଯଦି ଦାବି ପୁରଣ ନହେଲେ ଚାଷି ମାନେ ଏକତ୍ରିତ ହୋଇ ରାଜ ରାସ୍ତାକୁ ଓହ୍ଲାଇବା ପାଇ ନିର୍ଦ୍ଦେଶକ କନକ ଦେଇ ମାଝୀ, ଚାଷି ନରେନ୍ଦ୍ର ପ୍ରଧାନ, ଗଣପତି ଗାଧବା, ବିଜୟ ଗାଧବା, ବୁଦୁରା ପୁଜାରି, ସାହେବ ବିଷୋୟୀ, କୁମାର ବିଷୋୟୀ, ତୁଳା ରାମ ବିଷୋୟୀ ପ୍ରମୁଖ ଚେତାବନି ଦେଇଛନ୍ତି । ଏହାର ନକଲ ଜିଲାପାଳ କୋରାପୁଟ, ଉପ ଜିଲାପାଳ, ଜୟପୁର ଓ କେସିସି ବ୍ୟାଙ୍କ ସଭାପତି ଜୟପୁର ଙ୍କୁ ପ୍ରଦାନ କରାଯାଇଛି ।

ଟ୍ରଲର ଚାପାରେ ଶିଶୁକନ୍ୟା ମୃତ : ଉତ୍ୟକ୍ତ ଲୋକେ ଟ୍ରଲର ଜାଳିଦେଲେ

ଚମ୍ପୁଆ, (ପି.ଏନ): ସୀମାନ୍ତ ଚମ୍ପୁଆ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟ ଜୟନ୍ତିଗଡ ଠାରେ ଟ୍ରେଲର ଚାପାରେ ଏକ ଚାରି ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ଦିନ ପ୍ରାୟ ୧୨ଟା ସମୟରେ ଓଡ଼ିଶା - ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ବୈତରଣୀ ପୋଲ ନିକଟରେ ଜୟନ୍ତିଗଡର ଜିତୁ ବେହେରାଙ୍କ ଚାରି ବର୍ଷର ଶିଶୁକନ୍ୟା ତା ମା ସହ ଚାଲି ଚାଲି ଚମ୍ପୁଆ ଆସୁଥିଲା। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରଲର ଗାଡି ନମ୍ବର ଏନଏଲ ଓଆଇଜି-୮୭୬୩ ଶିଶୁକନ୍ୟା ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଟ୍ରଲର ଧକ୍କାରେ ଶିଶୁ କନ୍ୟାର ମା ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିବା ବେଳେ ଉତ୍ୟେକ୍ତ ଲୋକେ ଟ୍ରଲରଟିକୁ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ଟ୍ରଲରଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଉତ୍ୟେକ୍ତ ଲୋକେ ରାସ୍ତା ରୋକ କରିଥିବା ବେଳେ ଖବର ପାଇ ଜଗନ୍ନାଥପୁର ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଗ୍ନିଶମ ବିଭାଗ ଆସି ଗାଡ଼ିରୁ ନିଆଁ ଲିଭାଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତେଜନା ଲାଗି ରହିବା ସହ ରାସ୍ତାରୋକ ଜାରି ରହିଥିବା ଦେଖାଯାଇଛି ।

ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲା

ଗଞ୍ଜାମ, (ପି.ଏନ): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ପ୍ରଭାତ କୁମାର ରାଜଗୁରୁ ଆଜି ବୃତ୍ତାନ୍ତ ରାୟ ଶୁଣାଇଛନ୍ତି । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଦିଗପହଣ୍ଡି ଥାନା ଅନ୍ତର୍ଗତ ନୂଆଅନନ୍ତେଇ ଗ୍ରାମର ବଳରାମ ଗୌଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ୩ ମାସ କାରାଦଣ୍ଡ ନେଇ କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତ ବଳାରାମ ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ୨୦୧୫ ଜାନୁଆରୀ ୧୪ରେ ସଦର ଥାନା ଅଂଚଳର ଜଣେ ନାବାଳିକାକୁ ଚେନ୍ନାଇରେ ପାଠ ପଢାଇବାକୁ କହି ଅପହରଣ କରି ନେଇଥିଲା । କିନ୍ତୁ, ସେଠାରେ ତାକୁ ଦିନ ମଜୁରିଆ ଭାବେ ନିୟୋଜିତ କରିବା ସହ ବଳପୂର୍ବକ ଦୁଷ୍କର୍ମ କରିଥିଲା । ନାବାଳିକା ଜଣକ ଗର୍ଭବତୀ ହେବାରୁ ସେହିବର୍ଷ ମଇ ୨୮ ରେ ବଳରାମ ନାବାଳିକାଙ୍କୁ ଆଣି ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ନିକଟରେ ଏକ ଅର୍ଦ୍ଧନିର୍ମିତ ଘରେ ରଖିଥିଲା । ସେଠାରେ ତାକୁ ଖାଇବାକୁ ନଦେଇ ମାରପିଟ୍ କରୁଥିଲା । ଏବଂ ଗର୍ଭପାତ କରାଇବା ପାଇଁ ଔଷଧ ଖୁଆଇଥିଲା । ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରି ନାବାଳିକାଙ୍କ ମାଙ୍କୁ ଖବର ଦେଇଥିଲା ବଳରାମ । ମା ଆସି ଡାକ୍ତରଖାନାରେ ଝିଅକୁ ଦେଖିଥିଲେ। କିନ୍ତୁ, ହଠାତ୍ ବଳରାମ ନାବାଳିକାକୁ ଡାକ୍ତରଖାନାରୁ ନେଇ ରାଳବ ସ୍ଥିତି ସେହି ଅର୍ଦ୍ଧନିର୍ମିତ ଘରେ ଛାଡି ଫେରାର୍ ହୋଇଯାଇଥିଲା। ଖବର ପାଇ ପୀଡ଼ିତାଙ୍କ ମା ସେଠାରେ ପହଂଚି ଝିଅକୁ ଉଦ୍ଧାର କରିଥିଲେ । ପରେ ସେ ଏ ସମ୍ପର୍କରେ ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଳରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାର ବିଚାରଣା ବେଳେ ୧୬ ଜଣଙ୍କ ସାକ୍ଷ୍ୟଗ୍ରହଣ କରାଯାଇ ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

୨୦୨୩ ରଜ ମହୋତ୍ସବ ପ୍ରତିଯୋଗିତା ଆବେଦନ ପତ୍ର ଉନ୍ମୋଚିତ

ଧର୍ମଶାଳା,(ପି.ଏନ): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ଏହାର ଅଧିକରୁ ଅଧିକ ସଫଳତା ପାଇଁ ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ରଜ ମହୋତ୍ସବ ପାଇଁ ଯାଜପୁର ଜିଲାରେ ଧର୍ମଶାଳା ବ୍ଲକ ଚର୍ଚ୍ଚାରେ ରହି ଆସୁଛି । ଏହି ମହୋତ୍ସବ ଚଳିତ ବର୍ଷ ମହାସମାରୋହରେ ପାଳିତ ହେବ । ଏନେଇ ୨୦୨୩ ରଜ ମହୋତ୍ସବର ପ୍ରତିଯୋଗିତାର ଆବେଦନ ପତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଜୁ ଜନତା ଦଳର ବରିଷ୍ଠ ନେତା ଜଳଧର ମହାନ୍ତି, ଡ. ପ୍ରୀୟନାଥ ମହାପାତ୍ର, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ଜୋନ ସଂଯୋଜକ ଅମରେନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ମମତା ଖୁନ୍ଟିଆ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ୫୪ ଗୋଟି ପଂଚାୟତକୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତାର ଆବେଦନ ପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ନିର୍

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Saturday April 08, 2023 ଭୁବନେଶ୍ୱର ଶନିବାର, ଅପ୍ରେଲ ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଆର୍ସଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ପାରାଦୀପରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ପାରାଦୀପ,(ପି.ଏନ): କର୍ମଚ଼ାରୀ ଓ ଶ୍ରମିକଙ୍କ ଶାରୀରିକ ଓ ମାନସିକ ଉଭୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆର୍ସଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ପାରାଦ୍ୱୀପ ପେଲେଟ୍ କାରଖାନା ପରିସରରେ ଶୁକ୍ରବାର ଦିନ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଚ଼ଳିତ ବର୍ଷର ବିଷୟବସ୍ତୁ "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ"କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ବହୁ କର୍ମଚ଼ାରୀ, ଶ୍ରମିକ, ବ୍ୟବସାୟିକ ଅଂଶୀଦାର ଏବଂ ସେମାନଙ୍କର ପରିବାର ସଦସ୍ୟ ଯୋଗ ଦେଇଥିଲେ । ନିମନ୍ତ୍ରିତ ବିଶେଷଜ୍ଞମାନେ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ । ସୁସ୍ଥ ଜୀବନ ପାଇଁ ଯୋଗର ମହତ୍ୱ ଉପରେ ଶିକ୍ଷା ଦେବା ପାଇଁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା । କର୍ମଚ଼ାରୀଙ୍କ ପରିବାର ସଦସ୍ୟ ଏହି ଅବସରରେ ସ୍ଲୋଗାନ ଓ ପୋଷ୍ଟର ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସ୍ଥାୟୀ ବିକାଶ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏକ ସାହିତ୍ୟିକ ସମ୍ମିଳନୀ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମକୁ ଏଏମ୍/ଏନ୍ଏସ୍ ଇଣ୍ଡିଆର ସ୍ୱାସ୍ଥ୍ୟ ଓ ନିରାପତ୍ତା ଟିମ୍ ପରିଚ଼ାଳନା କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରିବାର ମହତ୍ୱକୁ ଆଲୋକିତ କରି ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡିଶା ଅପରେସନ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଥିଲେ ଯେ "ଯେହେତୁ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଆମ ଜୀବନର ମୁଖ୍ୟ ଉପାଦାନ, ତେଣୁ ଆମ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ଏହି ଦିନକୁ ପାଳନ କରାଯାଏ । ଯାହାଦ୍ୱାରା ଆମର ସୁସ୍ଥ ଏବଂ ଉନ୍ନତମାନର ଜୀବନଯାପନ ପାଇଁ ଆବଶ୍ୟକ ଜୀବନଶୈଳୀରେ ପରିବର୍ତନ ଆସିଥାଏ" ।

ବାହୁଡ଼ା ଦାସ ମଠ ଯଜ୍ଞ ଉଦଯାପିତ

ଫୁଲନଖରା,(ପି.ଏନ): ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଟା ଜ୍ଞାନପୀଠରେ ଥିବା ମହାନ ସନ୍ଥ ଗୋସ୍ୱାମୀ ବାହୁଡ଼ା ଦାସ ଓ ସଦଗୁରୁ ସନ୍ଥ ଯୋଗୀଦାସଙ୍କ ମଠରେ ୧୭ତମ ବାର୍ଷିକ ବିଶ୍ୱ କଲ୍ୟାଣ ଘୃତାହୁତି ମହାଯଜ୍ଞ ଉଦଯାପିତ ହୋଇଛି । ସନ୍ତୋଷକୁମାର ଜେନା ଓ ସୌଦାମିନୀ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତ୍ରିଦିବସୀୟ ଯଜ୍ଞର ବିଭିନ୍ନ ଦିବସରେ ଭଜନ, କୀର୍ତ୍ତନ, ବାହୁଡ଼ା ଜଣାଣ ଓ ଗୀତାପାଠ ଆଦି ଅନୁଷ୍ଠିତ ହୋଇଥିଲା । ଉଦଯାପନ ସଂଧ୍ୟାରେ ସାମ୍ବାଦିକ ଅଜୟକୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଇନଜୀବୀ ଉମାକାନ୍ତ ନନ୍ଦ, ଇଂ.ସୁଶାନ୍ତକୁମାର ତ୍ରିପାଠୀ, ଆଇନଜୀବୀ କେଶବଚନ୍ଦ୍ର କର, ଡଃ.ଯୁଧିଷ୍ଠିର ଖଟୁଆ, ସମାଜସେବୀ ସୁନ୍ଦରପ୍ରଭାତ ଦାସ, ଆଇନଜୀବୀ ଅଭିରାମ ପାତ୍ର, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରତାପକେଶରୀ ପାତ୍ର, ଆଇନଜୀବୀ କବିନାରାୟଣ ଜେନା, ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ, ଦିଲୀପ ସ୍ୱାଇଁ, ଦିଗମ୍ବର ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, କୈଳାସଚନ୍ଦ୍ର ବେହେରା, ବିଶ୍ୱରଂଜନ ସାହୁ, ପ୍ରଶାନ୍ତକୁମାର ପାତ୍ର, କଳ୍ପତରୁ ଖୁଣ୍ଟିଆ, ରାଜକିଶୋର ବେହେରା, ଲଳିତକୁମାର ଦାଶ, ରାକେଶକୁମାର ହୋତା, ଯତୀନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ପୂର୍ଣ୍ଣାହୁତି ସମୟରେ ଗଭିଲୋ, କୋକଲ, କୁଶକଣ୍ଟା, ବାଲିଜିପାଟଣା, ରାୟପୁର, ରାହୁରାଖରିପଡ଼ିଆ, ଗଙ୍ଗେଶ୍ୱର ଆଦି ଆଖ ପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପ.ଏନ): ଡବ୍ଲୁଏଚ୍ଓ ର ବାର୍ଷିକୀ ପାଳନ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବିଶ୍ୱବ୍ୟାପୀ ପାଳନ କରାଯାଏ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ମୂଲ୍ୟ ବିଷୟରେ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସମସ୍ତଙ୍କୁ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରିବା । ଏହି ବର୍ଷର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ" ଛ ଇଣ୍ଡିଆନ ରେଡକ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚ଼ିବ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆୟୋଜିତ ହୋଇଯାଇଛି । ଏହି ଅବସରରେ ରେଡକ୍ରସ ଭବନ ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅବୈତନିକ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଜୁନିଅର ରେଡ କ୍ରସ୍ ଅଧିକାରୀ ତୋଫାନ କୁମାର ରାଉତରାୟ ଯୋଗ ଦେଇଥିଲେ । ଏକ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । କୋଡିଏ ରୁ ଊର୍ଦ୍ଧ୍ୱ ଯୁବ ରେଡ଼କ୍ରସ ପରାମର୍ଶଦାତା, କନିଷ୍ଠ ରେଡ଼କ୍ରସ ର ପରାମର୍ଶଦାତା, ସ୍ୱେଚ୍ଛାସେବୀ ମାନେ ରେଡକ୍ରସ୍ ଆଞ୍ଚଳିକ ରକ୍ତ କେନ୍ଦ୍ରରେ ରକ୍ତଦାନ କରିଥିଲେ । ଡକ୍ଟର ରଘୁନାଥ ବେହୁରା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଦିବସକୁ ଭିନ୍ନ ଢଙ୍ଗରେ ପାଳନ ନିମନ୍ତେ ଭୁବନେଶ୍ୱର ର ପୋଖରୀପୁଟ ସ୍ଥିତ କାର୍ଗିଲ ବସ୍ତି ରେ ଆଉ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ମଧ୍ୟ ଆୟୋଜିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଶ୍ରୀଯୁକ୍ତ ହୃଦୟ ବଲଭ ସାମନ୍ତରାୟ ମୁଖ୍ୟ ଅତିଥି ଭାବରେ ଓ ଡକ୍ଟର ସେବା ମହାପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେକ୍ଷ ଡକ୍ଟର ରାଜେନ୍ଦ୍ର କୁମାର ଦାଶ, ଡ଼ଃ ଦ୍ୱାରିକା ନାଥ ମହାନ୍ତି, ଶ୍ରୀ ମନୋରଂଜନ ମହାନ୍ତି, ଶ୍ରୀ ପ୍ରସନ୍ନ ରଥ, ମଞ୍ଜୁଳା ତ୍ରିପାଠୀ, ମମତା ପା ?? , ନମିତା ପଟ୍ଟନାୟକ, ଆଶାଲତା ଦାଶ, ଶ୍ରୀଯୁକ୍ତ ଯଶୋବନ୍ତ ଜେନା ଏହି କାର୍ଯ୍ୟକ୍ରମର ଅତିଥି ଭାବରେ ଯୋଗ ଦେଇଥିଲେ । ଶ୍ରୀ ଜୟନ୍ତ କୁମାର ଜେନା, କୃଷି ଅଧିକାରୀ ଯୋଗ ଦେଇ ଅତିଥିମାନଙ୍କୁ ଔଷଧୀୟ ବୃକ୍ଷ ପ୍ରଦାନ କରିଥିଲେ । ପ୍ରାୟ ଦୁଇଶହ ସେଲ୍ଫ ହେଲଫ୍ ଗ୍ରୁପ୍ ମହିଳା କାର୍ଗିଲ ବସ୍ତିରେ ଏହି ଶିବିରରେ ଯୋଗ ଦେଇଥିଲେ । ଜୁନିୟର ରେଡକ୍ରସ୍ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀମତୀ ଗୌରୀମଣି ବିଶ୍ୱାଳ, ଶ୍ରୀ ଲିଲାପୁଣ୍ୟତୀର୍ଥ ସ୍ୱାଇଁ, ଶ୍ରୀ ଗୁଲଶନ କୁମାର ଦାଶ, ଶ୍ରୀଯୁକ୍ତ କୁବେର ଚ଼ନ୍ଦ୍ର ପାତ୍ର, ବିନୟ ନାୟକ, ଜ୍ଞାନଦା ସାହୁ, ସୁରେନ୍ଦ୍ରନାଥ ସାମଲ ପ୍ରଭୃତି ସହଯୋଗ କରିଥିଲେ ।

ନୂଆଦିଲ୍ଲୀରେ ଶିଳ୍ପୀ ଗଜେନ୍ଦ୍ର ସାହୁଙ୍କର ଏକକ ଚିତ୍ର କଳା ପ୍ରଦର୍ଶନୀ

ନୂଆଦିଲ୍ଲୀ, (ପି.ଏନ): ସୁନାମଧନ୍ୟ ଚିତ୍ର ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କର ଏକକ ଚିତ୍ର କଳା ପ୍ରଦର୍ଶନୀ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସ୍ପେରର ଭିକୁଆଲ ଆର୍ଟ ଗ୍ୟାଲେରୀଠାରେ ଉଦଘାଟିତ ହୋଇଯାଇଛି । ଶ୍ରୀ ସାହୁଙ୍କର ଦୀର୍ଘ ୪୫ ବର୍ଷର କଳାକୃତି ଓ ସୃଜନଶୀଳ ଉପଲବ୍ଧିକୁ ଏଠାରେ ପ୍ରଦର୍ଶନ କରଯାଇଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ଧରି ଚାଲିବାକୁ ଥିବା "ଚିତ୍ରକାବ୍ୟ" ଶୀର୍ଷକ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀକୁ କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ମିନାକ୍ଷୀ ଲେଖୀ ଉଦଘାଟନ କରିଛନ୍ତି । ଚଳିତ ପ୍ରଦର୍ଶନୀରେ ସ୍ଥାନ ପାଇଥିବା ୪୦ ଟିରୁ ଊର୍ଦ୍ଧ୍ୱ ଛବି, କାନଭାସ୍ ଉପରେ ଆକ୍ରେଲିକ୍ ଓ କଲମ କାଳୀ ବ୍ୟବହାର କରି ଅଙ୍କା ଯାଇଥିବା, ଏହାର ପ୍ରଧାନ ବିଶେଷତ୍ୱ ବୋଲି ଗଣ୍ୟ କରାଯାଉଛି । ପ୍ରାୟତଃ ସମସ୍ତ ଚିତ୍ର, ପ୍ରକୃତି ଓ ପରିବାର ଉପରେ ଆଧାରିତ ହୋଇଥିବା ଲକ୍ଷ୍ୟ କରାଯାଉଛି । ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ବନିଥିବା ୨୦ ଫୁଟ ଲମ୍ବ ଓ ୮ ଫୁଟ ଉଚ୍ଚତା ବିଶିଷ୍ଟ ବୌଦ୍ଧ କୀର୍ତ୍ତିକୁ ପ୍ରସ୍ତୁତ କରିବା ପାଇଁ ଚିତ୍ରକାର ଶ୍ରୀ ସାହୁଙ୍କୁ ଦୁଇ ବର୍ଷ ସମୟ ଲାଗିଥିବା ବେଳେ ଅନ୍ୟତମ ଆକର୍ଷଣ ୧୬ ଫୁଟ ଲମ୍ବ ଓ ୭ ଫୁଟ ଉଚ୍ଚତା ବିଶିଷ୍ଟ ପରିବାର ଏବଂ ପ୍ରକୃତି ଆଧାରିତ ଚିତ୍ର ଅଙ୍କନ କରିବା ପାଇଁ, ସେ ଦେଢ଼ ବର୍ଷ ସମୟ ବିତାଇ ଥିବା ଜଣାଯାଇଛି । ଏହି ଦୁଇଟି ଚିତ୍ର ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହେଉଛି । ଶ୍ରୀ ସାହୁଙ୍କର ଏହା ଚତୁର୍ଥ ଏକକ ପ୍ରଦର୍ଶନୀ । ଏହା ପୂର୍ବରୁ ତାଙ୍କର ପ୍ରଦର୍ଶନୀ ଭୁବନେଶ୍ୱର, ନୂଆଦିଲ୍ଲୀ ଏବଂ ଆମେରିକା ଠାରେ ଅନୁଷ୍ଠିତ ହୋଇସାରିଛି । "ଚିତ୍ରକାବ୍ୟ" ପ୍ରଦର୍ଶନୀରେ ଶ୍ରୀ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ର ସାଙ୍ଗକୁ ତାଙ୍କ ଦ୍ୱାରା ପ୍ରଯୋଜିତ ଗୀତ ଏବଂ ତାଙ୍କର କଳାତ୍ମକ ଯାତ୍ରାର ସାଧନା ଓ ସିଦ୍ଧିକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି । ଶ୍ରୀ ସାହୁଙ୍କ ଦ୍ୱାରା ନିର୍ମିତ ଜାତୀୟ ସ୍ତରର ଅର୍ଜୁନ, ଦ୍ରୋଣାଚାର୍ଯ୍ୟ, ତେନଜିଂ ନର୍ଗେ ଏବଂ ଧ୍ୟାନଚାନ୍ଦ ଆଦି ପୁରସ୍କାର ଟ୍ରଫିର ପ୍ରତିକୃତି ଏଥିରେ ସ୍ଥାନ ପାଇଛି । ଏହା ବ୍ୟତୀତ ତାଙ୍କ ଦ୍ୱାରା ପ୍ରସ୍ତୁତ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଚଳିତ ମୁଦ୍ରାର ଆକୃତି ଏବଂ ନବକଳେବର ଡାକ ଟିକଟ ର ଲୋଗୋ ମଧ୍ୟ ପ୍ରଦର୍ଶିତ ହେଉଛି । ସାଧାରଣତନ୍ତ୍ର ଦିବସର ପ୍ୟାରେଡ଼ରେ ଓଡ଼ିଶା ତରଫରୁ ସ୍ଥାନ ପାଇ ବହୁ ଚର୍ଚ୍ଚିତ ଓ ପୁରସ୍କୃତ ହୋଇଥିବା, ଶ୍ରୀ ସାହୁ ଙ୍କ ଦ୍ୱାରା ପରିକଳ୍ପିତ ଖଣ୍ଡଗିରି- ଉଦୟଗିରି, ବୋଇତ ବନ୍ଦାଣ, ଦୋଳ ମେଳଣ ଏବଂ ଲିଙ୍ଗରାଜଙ୍କର ରୁକୁଣା ରଥ ଆଦି ବିଷୟ ବସ୍ତୁ ଆଧାରିତ ପ୍ରଜ୍ଞାପନ ମେଢର ପ୍ରତିମୂର୍ତ୍ତି ବି ଏହି ପ୍ରଦର୍ଶନୀର ଶୋଭା ବର୍ଦ୍ଧନ କରୁଥିବା ଦେଖାଯାଉଛି । ଅନନ୍ୟ ଏବଂ ଅସାମାନ୍ୟ କଳା ଚତୁର୍ଯ୍ୟ ର ଅଧିକାରୀ, ଶ୍ରୀ ସାହୁଙ୍କ ଦ୍ୱାରା ପ୍ରଯୋଜିତ "ସ୍ୱରବର୍ଣ୍ଣ" ନାମକ ସାତ ଟି ଗୀତର ସିଡି ହାବିଟାଟ୍ ପ୍ରଦର୍ଶନୀରେ ସ୍ୱତନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ବନିଛି । ଶ୍ରୀ ସାହୁଙ୍କର ପ୍ରତିଭା ଓ ପାରଦର୍ଶିତା କୁ ଆଗନ୍ତୁକ ବିଶିଷ୍ଟ ବ୍ୟକ୍ତି, କଳା ପ୍ରେମୀ ଜନସାଧାରଣ, ସମୀକ୍ଷକ, ପୃଷ୍ଠପୋଷକ, ଚିତ୍ରକାର ଏବଂ ଚିତ୍ରଗ୍ୟାଲେରୀ ମାନଙ୍କର କର୍ମକର୍ତ୍ତା ମାନେ ଭୂରି ଭୂରି ପ୍ରଶଂସା କରୁଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ । ଦୀର୍ଘ କାଳ ଧରି ବି.କେ ଆର୍ଟ କଲେଜର ପ୍ରାଧ୍ୟାପକ ଭାବରେ ଏବଂ ପରେ ରାଜ୍ୟ ଲଳିତକଳା ଏକାଡେମୀର ସଚିବ ଭାବରେ ଓଡ଼ିଶା ଓ ଜାତୀୟ ସ୍ତରରେ ଚିତ୍ରକଳା ଜଗତକୁ ସମୃଦ୍ଧ କରିବାରେ ଗଜେନ୍ଦ୍ର ପ୍ରସାଦ ସାହୁଙ୍କର ବ୍ୟାପକ ଯୋଗଦାନ ରହିଥିବା ଜଣାଯାଇଛି ।

ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ପାଳିତ

ଦାନଗଦୀ, (ପି.ଏନ): ଓଡ଼ିଶାର ଯାଜପୁର ଜିଲ୍ଲା ଡୁବୁରି ସ୍ଥିତ ଟାଟା ଷ୍ଟିଲ୍ ବଳିଙ୍ଗନରେ (ଟିଏସ୍) କାରଖାନା ପରିସରରେ ଥିବା ଷ୍ଟିଲ୍ ମେଲ୍ ସପ୍ (ଏସ୍ଏସ୍ଏସ୍)ର ସମ୍ମିଳନୀ କକ୍ଷରେ ଚୁକ୍ତି ଭିତିକ କର୍ମଚ଼ାରୀଙ୍କ ପାଇଁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ସହିତ " ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଇଛି ।ଟିଏସ୍କର ସୁରକ୍ଷା ପରିଚ଼ାଳନା ବିଭାଗର ଚ଼ିଫ୍ ରବି ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟିଏସ୍ର ପରିଚ଼ାଳନା ବିଭାଗର ମହାପ୍ରବନ୍ଧକ କରମବୀର ସିଂ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଟିଏସ୍ର ଷ୍ଟିଲ୍ ମେଲ୍ ସପ୍ଟ, ମେସର୍ସ ଆରତୀ ଏବଂ ରପ୍ରାଇଜେସ୍ ଓ ଟିଏସ୍ର ଭେଣ୍ଡର ପାର୍ଟନର ମେସର୍ସ ସିୟାନ୍ ଟେକ୍ନୋଲୋଜି ସହଯୋଗରେ ଟିଏସ୍କର ଅପେସନାଲ୍ ହେଲଥ୍ ସରଭିସେସ୍ (ଓଏଚ୍ସ) ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା । ଟିଏସ୍ ଓଏଚ୍ଏସ୍ର ବରିଷ୍ଠ ରେଜିଷ୍ଟ୍ରାର ଡକ୍ଟର ଆଲୋକକୁମାର ମିଶ୍ର ଓ ଟିଏମ୍ ଓଏଚ୍ଏମ୍ର ବରିଷ୍ଠ ରେଜିଷ୍ଟ୍ରାର ଡକ୍ଟର ବିନାଶ କୁମର ସିଂ ୨୦୦ରୁ ଅଧିକ ଚୁକ୍ତି ଭିତିକ କର୍ମଚ଼ାରୀଙ୍କୁ ଚ଼ିକିତ୍ସା ସୁବିଧା ପ୍ରଦାନ କରିଥିଲେ ।ଏହାର ପୂର୍ବଦିନ ଥାଇରଏଡ୍ ଜନିତ ରୋଗ, ଡଇବେଟିସ୍ ମେଲିଟସ୍ ଓ ଏଣ୍ଡୋକ୍ରାଇନ ରୋଗ ସମ୍ପର୍କରେ କର୍ମଚ଼ାର ମାନଙ୍କ ଲାଗି ଏକ ଅନଲାଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଥାଇରଏଡ୍, ଡାଇବେଟିସ୍ ଓ ଏଣ୍ଡୋକ୍ରାଇନ୍ ରୋଗର ନିଭିନ୍ନ ଦିଗ ସହିତ ସେହି ରୋଗଗୁଡ଼ିକର ଚ଼ିକିତ୍ସା ଓ ପରିଚ଼ାଳନା ସମ୍ପର୍କରେ ଉତ୍କଳ ହସ୍ପିଟାଲ, ଭୁଦନେଶ୍ୱରତ ଦରିକ୍ତ କନସଲଟାଂଡ୍ ଡକ୍ଟର ମଧୁସ୍ମିତା ସାହୁ ଅଂଶଗ୍ରହଣକାରୀ ମାନଙ୍କୁ ସୂଚ଼ନା ପ୍ରଦାନ କରିଥିଲେ । ଟାଟା ଷ୍ଟିଲ୍ କଳିଙ୍ଗନଗରର ବିଭିନ୍ନ ବିଭାଗର ୧୨୦ରୁ ଅଧିକ କର୍ମଚ଼ାରୀ ଏହି ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଦସରରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ପକ୍ଷରୁ ଭୁଦନ କ୍ଲବ୍ରେ ଏକ ଏକାଥନ୍ ଆୟୋଜନ କରାଯାଇଥିଲା ଯେଉଁଥିରେ ସ୍ଥାନୀୟ ଗୋଷ୍ଠୀର ୧୯ରୁ ଅଧିକ ଲୋକ ଭାଗ ନେଇଥିଲେ । ଭୁବନ ବ୍ଲକ୍ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଭୁବନର ସତ୍ୟ ସାଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଏହି ଓ୍ୱାନାଥନକୁ ଭୁବନ ୧ ନମ୍ବର ଓ୍ୱାର୍ଡର କାଉନ୍ସିଲର ଗିରିଧର ସାହୁ ଉଦ୍ଘାଟନ କରିଥିଲେ । ଏହା ପରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଟ୍ ଡକ୍ଟର ଏସ୍ ଏସ୍ ସୁତ ଉ ଓ ରେଡିଓଲୋଜି ବିଭାଗରେ କନସଲଟାଂଟ୍ ଡକ୍ଟର ସଂଜିତ ମିଶ୍ର ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଏକ ସଚେତନତା ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଏକ ସାଧାରଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ ସମାଜର ୫୫ ଜଣ ଲୋକ ଉପକୃତ ହୋଇଥିଲେ । ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ଓ ସୁସ୍ଥକର ଅଭ୍ୟ ସର ପ୍ରସାର କରିବା ଗୁରୁତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ଏକ ସୁରକ୍ଷିତ ଓ ସୁସ୍ଥକର କର୍ମ ପରିବେଶ ପ୍ରଦାନ କରିବା ଏବଂ ଆଘାତ ଓ ଅସୁସ୍ଥତା ମୁକ୍ତ କର୍ମକ୍ଷେତ୍ର ହସଲ କରିବା ଲାଗି ଟାଟା ଷ୍ଟିଲ୍ କଳିଙ୍ଗ ନଗର ପ୍ରତିବଦ୍ଧ ରହିଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubane